# HÝÉæÀÿ ÓóÔÿ†ÿ H µÿ’ÿLÿ

ଡକ୍ଟର ନରହରି ବେହେରା

**‘ସଂ**ସ୍କୃତି’ ଶବ୍ଦ ସଂସ୍କୃତର ସମ୍ ଉପସର୍ଗ ଓ କୃ ଧାତୁ ସହିତ କ୍ତିନ୍ (ତି) ପ୍ରତ୍ୟୟରୁ ନିଷ୍ପନ୍ନ । ଏହାର ଅର୍ଥ ‘ସମ୍ୟକ୍ କୃତି’ । କିନ୍ତୁ ଏହାର ସ୍ୱରୂପ ବିଭିନ୍ନ ବ୍ୟବହାରିକ ବିଭବ ଉପରେ ନିର୍ଭରଶୀଳ ହୋଇଥିବାରୁ ଏହାର ସଂଜ୍ଞା ସର୍ବଦା ନିତ୍ୟ ନୂତନ ବ୍ୟାଖ୍ୟାକୁ ଅପେକ୍ଷା ରଖିଥାଏ ଏବଂ ଏହା ସର୍ବଦା ସାର୍ବକାଳିକ ବା ସାର୍ବସ୍ଥାନିକ ହୋଇପାରେ ନାହିଁ । ସୂର୍ଯ୍ୟଙ୍କୁ କିମ୍ବା ପିତୃପୁରୁଷଙ୍କୁ ଜଳ ତର୍ପଣକୁ ଆମେ ଆମର ସଂସ୍କୃତି ବୋଲି ବିବେଚନା କରୁ, ମାତ୍ର ପାଶ୍ଚାତ୍ୟ ସମାଜରେ ଏହାକୁ ସଂସ୍କୃତି ବୋଲି ବିବେଚନା କରାଯାଏ ନାହିଁ । ସେହିପରି ଏକଦା ଭାରତୀୟ ସମାଜରେ ସତୀଦାହ ଓ ବାଲ୍ୟବିବାହ ପ୍ରଥାକୁ ନିଜର ସଂସ୍କୃତି ବୋଲି ବିବେଚନା କରୁଥିଲା ମାତ୍ର ଏବେ ତାହା ଅପସଂସ୍କୃତି ବୋଲି ବିବେଚିତ ହେଉଛି । ଏଥିରୁ ସ୍ପଷ୍ଟ ହୁଏ ଯେ, ସଂସ୍କୃତିକୁ ସର୍ବଦା ଗୋଟିଏ ସ୍ୱରୂପ ବା ସଂଜ୍ଞାରେ ବାନ୍ଧି ରଖିବା କଷ୍ଟକର ।

ଆମ ‘ସଂସ୍କୃତି’ ଶବ୍ଦଟି ଇଂରାଜୀ ଭାଷାର Culture ଶବ୍ଦ ସହିତ ସମ୍ବନ୍ଧିତ । ଏହି culture ଶବ୍ଦଟି ମୂଳ ଲାଟିନ କଲତୁରା (cultura)ରୁ ଆସିଛି ବୋଲି କେହି କେହି ମତ ଦେଇଥାନ୍ତି । କିନ୍ତୁ ପଣ୍ଡିତ ନେହେରୁ ଜର୍ମାନର କୁଲତୁର (kultur) ଶବ୍ଦ ସହିତ ଏହାକୁ ତୁଳନା କରିଛନ୍ତି ।(୧) ଲାଟିନର କୁଲତୁରାର ଅର୍ଥ କୃଷି କରିବା । ଯଦି ଏହି ଅର୍ଥ ଗ୍ରହଣ କରାଯାଏ ତେବେ କୃଷି କାର୍ଯ୍ୟରେ ଯେମିତି ଅନାବଶ୍ୟକ ଘାସ ପ୍ରଭୃତିକୁ ନଷ୍ଟ କରି ଈପ୍ସିତ ଧାନଗଛକୁ ରଖାଯାଏ, ସେମିତି ସମାଜରେ ଯାହା ସ୍ପୃହଣୀୟ, କରଣୀୟ ଓ ଆଚରଣୀୟ ବୋଲି ବିବେଚନା କରି ସାଇତା ରଖାଯାଏ ତାହା ହିଁ ସଂସ୍କୃତି । ପଣ୍ଡିତ କୃଷ୍ଣଚନ୍ଦ୍ର କରଙ୍କ ମତରେ ‘ଶିକ୍ଷାଦ୍ୱାରା ବା ଚର୍ଚ୍ଚାଦ୍ୱାରା ଲବ୍ଧ ବିଦ୍ୟା-ବୁଦ୍ଧି-ଶିଳ୍ପ-କଳା-ରୁଚି-ନୀତି ଆଦିର ଉତ୍କର୍ଷ ହିଁ ସଂସ୍କୃତି ।’(୨) ସଂସ୍କାର ଓ ସଂସ୍କୃତି ସାପେକ୍ଷିକ । ତେଣୁ ଜଣେ ଶିକ୍ଷିତ ଓ ଉତ୍ତମ ଆଚରଣ ସଂପନ୍ନ ବ୍ୟକ୍ତିକୁ ଆମେ ସଂସ୍କୃତିସଂପନ୍ନ ବ୍ୟକ୍ତି କହିଥିବାବେଳେ ଜଣେ ଅଶିକ୍ଷିତ ଓ ଉପଯୁକ୍ତ ଆଚରଣ ଜାଣି ନଥିବା ବ୍ୟକ୍ତିକୁ ସଂସ୍କୃତିବିହୀନ ବ୍ୟକ୍ତି ବୋଲି କହିଥାଉଁ । ଶିକ୍ଷା, ସାହିତ୍ୟ, କଳା, ରଚି, ପ୍ରଭୃତି ବିଭବ ଜଣେ ବ୍ୟକ୍ତିର ଆଚରଣକୁ ଶୁଦ୍ଧ ଓ ପରିମାର୍ଜିତ କରିବା ପାଇଁ ଆବଶ୍ୟକ । ତେଣୁ ଏଗୁଡ଼ିକ ସଂସ୍କୃତିର ଗୋଟିଏ ଗୋଟିଏ ବିଭବ । ସମାଜ ବିଜ୍ଞାନୀ ଟେଲର କହନ୍ତି – ‘ପ୍ରଜ୍ଞା, ବିଶ୍ୱାସ, କଳା, ନୈତିକତା, ବିଧି, ପ୍ରଥା ଏବଂ ସମାଜରେ ବସବାସ କରୁଥିବା ଲୋକମାନଙ୍କର ଆହରଣଯୋଗ୍ୟ ଗୁଣସମୂହ ହିଁ ସଂସ୍କୃତି ।’(୩) ସେହିପରି ଲାପିୟରଙ୍କ ମତରେ – ‘ଗୋଟିଏ ସାମାଜିକ ଗୋଷ୍ଠୀ ପୁରୁଷାନୁକ୍ରମେ ଶିକ୍ଷା କରୁଥିବା ପ୍ରଥା ଓ ପରମ୍ପରାର ପରିପ୍ରକାଶହିଁ ସଂସ୍କୃତି ।’(୪) ଏହିପରି ବହୁ ସମାଜ ବିଜ୍ଞାନୀ ନିଜ ନିଜର ଦୃଷ୍ଟିରେ ସଂସ୍କୃତିର ସଂଜ୍ଞା ପ୍ରତିପାଦନ କରିଥିବାରୁ ଗୋଟିଏ ନିର୍ଦ୍ଦିଷ୍ଟ ସଂଜ୍ଞା ଏହାପାଇଁ ଯଥେଷ୍ଟ ନୁହେଁ । କାରଣ ସମାଜ ଓ ବ୍ୟକ୍ତିର ଅନ୍ତଃପ୍ରକୃତିରୁ ସଂସ୍କୃତିର ସୃଷ୍ଟି ଏବଂ ସମୟକ୍ରମେ ବହୁ ରୀତି, ନୀତି, ପ୍ରଥା ପ୍ରଭୃତି ଦ୍ୱାରା ନିୟନ୍ତ୍ରିତ ହେତୁ ଏହା ସର୍ବଦା ପରିବର୍ତ୍ତନଶୀଳ । ତେଣୁ ଯଥାର୍ଥରେ ନେହେରୁ କହିଛନ୍ତି – ‘I am certainly not competent to give you a definition of it because I have not found one.’(୫) ଏ ବିଭିନ୍ନତା ସତ୍ତ୍ୱେ ଗୋଟିଏ ସିଦ୍ଧାନ୍ତ ସ୍ୱୀକାର କରିବାକୁ ହେବ ଯେ ଗୋଟିଏ ସମାଜରେ ପ୍ରଚଳିତ ଶିକ୍ଷା, ରୀତିନୀତି, ଚଳଣି ଓ ପରମ୍ପରାକୁ ପୁରୁଷାନୁକ୍ରମେ କର୍ଷଣ କରାଯାଇ ଯେଉଁ ଉତ୍କର୍ଷ ଆହରଣ କରାଯାଇଥାଏ, ତାହା ହିଁ ସେହି ସମାଜର ସଂସ୍କୃତି । ଲୌକିକ ଉଦାହରଣଟିଏ ନିଆଯାଇପାରେ – ଗୋଟିଏ ପୁଷ୍ପବାଟିକାରେ ଅନେକ ପୁଷ୍ପବୃକ୍ଷ ଥାଏ । ମାଳୀଟିଏ ସେଗୁଡ଼ିକୁ ସାର, ପାଣି ପ୍ରଭୃତି ଦେଇ ବୃଦ୍ଧି କରିଥାଏ । ତା’ର ସୌନ୍ଦର୍ଯ୍ୟ ଓ ସୁଗନ୍ଧକୁ ଆମେ ଅନୁଭବ କରିପାରୁଁ । କେହି ଯଦି ପ୍ରଶ୍ନକରେ, ସୁଗନ୍ଧ କିପରି ? ଆମେ ଯଥାର୍ଥ ସଂଜ୍ଞା ଦେଇପାରିବା ନାହିଁ । ଠିକ୍ ଏହି ପୁଷ୍ପବାଟିକା ପରି ଆମ ମାନବ ସମାଜ । କୃଷକର କର୍ଷଣ ହିଁ ଆମ ସଂସ୍କାର ସହିତ ତୁଳନୀୟ । ପୁଷ୍ପ ସମୂହର ସୌନ୍ଦର୍ଯ୍ୟ ପରି

ଆମ ସଭ୍ୟତା ଏବଂ ସୁଗନ୍ଧ ପରି ଆମ ସଂସ୍କୃତି । ଏହି ସଂସ୍କୃତି ଅନୁଭବ୍ୟ, କିନ୍ତୁ ନିର୍ଦ୍ଦିଷ୍ଟ ସଂଜ୍ଞାର ପରିସରଭୁକ୍ତ ନୁହେଁ ।

ଓଡ଼ିଶାର ସଂସ୍କୃତି କଥା ବିଚାର କରିବାବେଳେ ଏହାର ପ୍ରାଚୀନ ପୃଷ୍ଠଭୂମି ଉପରେ ବିହଙ୍ଗାବଲୋକନ କରିବା ବାଞ୍ଛନୀୟ । କାରଣ କଳାର କ୍ଷେତ୍ରର ଏ ଓଡ଼ିଶାର ମାଟି ସମୟକ୍ରମେ ବହୁ ଶାସକ, ଚିନ୍ତାନାୟକ ଓ ସନ୍ଥ ମହାତ୍ମାଙ୍କ ସଂସ୍ପର୍ଶରେ ଆସି ନିଜ ସଂସ୍କୃତିକୁ ପୁଷ୍କଳ କରିଛି । ଗୋଟିଏ ଜାତି ପାଇଁ ଏହା ହିଁ ସର୍ବମାନ୍ୟ ରୀତି । ରାମାୟଣ ଓ ମହାଭାରତରେ ଉତ୍କଳ ଦେଶର ବର୍ଣ୍ଣନା ଉପଲବ୍ଧ । କାଳିଦାସଙ୍କ 'ରଘୁବଂଶମ୍' କାବ୍ୟରେ କୁହାଯାଇଛି, ରାଜା ରଘୁ କପିଶ ନଦୀକୁ ଅତିକ୍ରମ କରି ଉତ୍କଳ ଦେଶକୁ ଓ ଶେଷରେ କଳିଙ୍ଗ ଦେଶକୁ ଗଲେ । ଏଥିରୁ ଜଣାଯାଏ ପ୍ରାଚୀନ କାଳରେ ଉତ୍କଳ ଓ କଳିଙ୍ଗ ଦୁଇଟି ସ୍ୱତନ୍ତ୍ର ରାଜ୍ୟ ଥିଲା ।(୬) ବର୍ତ୍ତମାନର ଓଡ଼ିଶା ସେତେବେଳେ ବିଭିନ୍ନ ନାମରେ ପରିଚିତ ହେଉଥିଲେ ମଧ୍ୟ କଳିଙ୍ଗ, ଉତ୍କଳ, ଉଡ୍ର ଓ କୋଶଳ ନାମରେ ଚାରୋଟି ପ୍ରଧାନ ଅଞ୍ଚଳ ଥିଲା । ଚୋଡ଼ଗଙ୍ଗଙ୍କ ରାଜତ୍ୱ କାଳରେ ବର୍ତ୍ତମାନ ଓଡ଼ିଶାର ସମସ୍ତ ଅଞ୍ଚଳ ଉତ୍କଳ ନାମରେ ପରିଚୟ ଲାଭ କରିଥିଲା । କେତେକଙ୍କ ମତରେ ଉତ୍କଳଠାରୁ କଳିଙ୍ଗ ଅଧିକ ପ୍ରାଚୀନ ।(୭) ଖ୍ରୀ:ପୂ: ତୃତୀୟ ଶତକ ବେଳକୁ କଳିଙ୍ଗ ଗୋଟିଏ ଶକ୍ତିଶାଳୀ ରାଜ୍ୟ ହୋଇଥିଲେ ମଧ୍ୟ ମଗଧ ସମ୍ରାଟ ଅଶୋକଙ୍କ ଦ୍ୱାରା ପରାଜୟ ବରଣ କରିଥିଲା । ବିଜୟୀ ଅଶୋକ ଏହି ଯୁଦ୍ଧରେ ମର୍ମାହତ ହୋଇ ବୌଦ୍ଧଧର୍ମରେ ଦୀକ୍ଷିତ ହେବାର ତତ୍କାଳୀନ କଳିଙ୍ଗ ବା ଆଧୁନିକ ଓଡ଼ିଶାରେ ବୌଦ୍ଧଧର୍ମ ଓ ବୌଦ୍ଧ ସଂସ୍କୃତିର ପ୍ରବେଶ ଘଟିଥିଲା ।

ଖ୍ରୀ:ପୂ: ପ୍ରଥମ ଶତକରେ ଜୈନ ଧର୍ମାବଲମ୍ବୀ ମହାମେଘବାହନ ଐର ଖାରବେଳ ଓଡ଼ିଶାକୁ ଶାସନ କରିବାରୁ ବୌଦ୍ଧଧର୍ମ ପରି ଜୈନଧର୍ମ ମଧ୍ୟ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତିକୁ ପ୍ରଭାବିତ କରିଥିଲା । ଖ୍ରୀଷ୍ଟୀୟ ୬୫୦ରୁ ୭୫୦ ପର୍ଯ୍ୟନ୍ତ ଓଡ଼ିଶାରେ ଶୈଳୋଦ୍ଭବ ବଂଶଜ ରାଜପରିବାର ଶାସନ କଲେ । ସେମାନଙ୍କ ଶାସନ କାଳରେ ଓଡ଼ିଶାରେ ପ୍ରଥମ କରି ମନ୍ଦିର ନିର୍ମାଣ କରିଥିଲେ । ଫଳରେ ଓଡ଼ିଶାରେ ସ୍ଥାପତ୍ୟ କଳାର ବିକାଶ ଘଟି ଏହା ଓଡ଼ିଶାର ସଂସ୍କୃତିକୁ ନୂତନ ମୋଡ଼ ଦେଇଥିଲା । ସେମାନଙ୍କ ପରେ ଭୌମକର ବଂଶୀୟ (ଖ୍ରୀ:୭୩୬-ଖ୍ରୀ:୯୩୨), ସୋମବଂଶୀୟ ରାଜାମାନେ (ଖ୍ରୀ:୯୫୦-ଖ୍ରୀ:୧୧୫୦), ଗଙ୍ଗବଂଶର ନରପତିଗଣ (ଖ୍ରୀ:୧୧୫୦-ଖ୍ରୀ:୧୪୩୫) ଓ ଗଙ୍ଗବଂଶଙ୍କ ପରେ ସୂର୍ଯ୍ୟବଂଶ ବା ଗଜପତି ବଂଶର ଶାସକଗଣ (ଖ୍ରୀ:୧୪୩୫-ଖ୍ରୀ:୧୫୪୦) ଓଡ଼ିଶାକୁ ଶାସନ କରିଥିଲେ । ସେମାନେ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତି ଗଭୀର ରୁଚି ରଖିଥିଲେ । ତେଣୁ ଏହି ସମୟରେ ବହୁ ପ୍ରସିଦ୍ଧ ମନ୍ଦିର ନିର୍ମିତ ହୋଇ ଓଡ଼ିଶାର ସ୍ଥାପତ୍ୟ, କଳା ବିଶ୍ୱ ଦରବାରରେ ସ୍ଥାନ ପାଇଥିଲା । ବହୁଗୁଣୀ ଓ ସାହିତ୍ୟିକମାନେ ଏହି ସମୟରେ ଉଚ୍ଚକୋଟୀର ସାହିତ୍ୟ ସୃଷ୍ଟି କରିଥିଲେ । ଗଜପତିଙ୍କ ଶାସନକାଳରେ ଚୈତନ୍ୟଙ୍କ ପୁରୀ ଆଗମନ (ଖ୍ରୀ:୧୫୧୦) ଏକ ଉଲ୍ଲେଖନୀୟ ଘଟଣା । ଜଗନ୍ନାଥ ସଂସ୍କୃତି ସହିତ ଚୈତନ୍ୟଙ୍କ ଗୌଡ଼ୀୟ ଭାବଧାରାର ଏକ ମଧୁର ମିଶ୍ରଣ ଏହି ସମୟରୁ ହିଁ ଆରମ୍ଭ ହୋଇଥିଲା ।

ଖ୍ରୀଷ୍ଟୀୟ ୧୫୬୮ରୁ ୧୫୮୯ ପର୍ଯ୍ୟନ୍ତ ଆଫଗାନମାନେ ଓଡ଼ିଶାକୁ ଶାସନ କରିଥିଲେ ମଧ୍ୟ ସେମାନଙ୍କର ଶାସନ ଦୃଢ଼ ନଥିଲା । ଆକବରଙ୍କ ଶାସନ କାଳରେ ଓଡ଼ିଶା ମୋଗଲ ଶାସନାଧୀନ ହୋଇଥିଲା । ଏହି ସମୟରେ ପାର୍ସି ଭାଷା ଓ ସାହିତ୍ୟ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିକୁ ପ୍ରଭାବିତ କରିଥିଲା । ପରବର୍ତ୍ତୀ ସମୟରେ ଓଡ଼ିଶା ୧୭୫୧ ଖ୍ରୀଷ୍ଟାବ୍ଦରେ ମରହଟ୍ଟା ଓ ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜ ଶାସନାଧୀନ ହୋଇ ସେମାନଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆପଣେଇ ନେଇଥିଲା । ୧୯୩୬ ଖ୍ରୀଷ୍ଟାବ୍ଦରେ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦାଲାଭ କରିଥିବା ଓଡ଼ିଶା ଶତାଧିକ ବର୍ଷ ଧରି ବହୁ ଶାସକଙ୍କ ଦ୍ୱାରା ଶାସିତ ହୋଇ ଏବଂ ବହୁ ସାଧୁସନ୍ଥଙ୍କର ସଂସ୍ପର୍ଶରେ ଆସି ନିଜର ଭାଷା, ସାହିତ୍ୟ, କଳା, ସ୍ଥାପତ୍ୟ ଓ ପରମ୍ପରାକୁ ପରିପୁଷ୍ଟ କରିଛି । ଏହାର ସଂସ୍କୃତି ପାଲଟିଯାଇଛି ଏକ ସମନ୍ୱିତ ସଂସ୍କୃତି । ଆଧ୍ୟାତ୍ମିକତା, ମୁକ୍ତି, ତିତିକ୍ଷା, ବିଶ୍ୱ ପରିବାରର ପରିକଳ୍ପନା, ଧର୍ମ ନିରପେକ୍ଷତା, ଦାନ, ସେବା ପ୍ରଭୃତି ଓଡ଼ିଶା ସଂସ୍କୃତିର ପ୍ରକାଶ୍ୟ ସ୍ୱରୂପ । ଏହାର ଭାଷା, କଳା, ସ୍ଥାପତ୍ୟ, ବିଧି ପ୍ରଭୃତି ସଂସ୍କୃତିର ବିଭବ ।

ଓଡ଼ିଶାରେ ବହୁ ସଂସ୍କୃତ ସାରସ୍ୱତ ସାଧକଙ୍କର ଆବିର୍ଭାବ ଘଟିଥିଲା । ପ୍ରବନ୍ଧର କଳେବର ଦୃଷ୍ଟିରୁ ସେ ସବୁର ବିସ୍ତୃତ ବିବରଣୀ ଦେବା ସମ୍ଭବ ନୁହେଁ । ସଂକ୍ଷେପରେ କେତେଜଣ ଉତ୍ସର୍ଗୀକୃତ ସାଧକଙ୍କର ନାମୋଲ୍ଲେଖ କରାଯାଇପାରେ । ମୁରାରି ମିଶ୍ରଙ୍କ ଅନର୍ଘରାଘବ ନାଟକ, ଶତାନନ୍ଦଙ୍କ ଭାସ୍ୱତୀ ଓ ରତ୍ନମାଳା, ଜୟଦେବଙ୍କ ଗୀତଗୋବିନ୍ଦ, ବିଦ୍ୟାଧରଙ୍କ ଏକାବଳୀ, ଗୋବର୍ଦ୍ଧନ ଆଚାର୍ଯ୍ୟଙ୍କ ଆର୍ଯ୍ୟା ସପ୍ତଶତୀ, ଭୋପଦେବଙ୍କ ମୁଗ୍ଧବୋଧ, ଜଗନ୍ନାଥ ମିଶ୍ରଙ୍କର ରସ କଳ୍ପଦ୍ରୁମ, ହଳଧର ମିଶ୍ରଙ୍କର ବସନ୍ତୋତ୍ସବ ମହାକାବ୍ୟ, କୃଷ୍ଣ ଶ୍ରୀଚନ୍ଦନଙ୍କ ଅଦ୍ଭୁତମ୍, ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ, ବିଶ୍ୱନାଥ କବିରାଜଙ୍କର ସାହିତ୍ୟ ଦର୍ପଣ ପ୍ରଭୃତି ବହୁ ସଂସ୍କୃତ ସାହିତ୍ୟ

ଏ ମାଟିରେ ସୃଷ୍ଟି ହୋଇଥିଲା । ଭାରତରେ ଓଡ଼ିଶା ପ୍ରଥମ ରାଜ୍ୟ ଯିଏ ନିଜର ଭାଷାକୁ ଆୟୁଧ କରି ସ୍ୱତନ୍ତ୍ରତା ଲାଭ କରିବାକୁ ସମର୍ଥ ହୋଇଥିଲା । ଏହାର ଲିପି ବ୍ରାହ୍ମୀଲିପିରୁ ଉଦ୍ଭବ । ଖ୍ରୀ:ପୂ:ତୃତୀୟ ଶତକରୁ ବିବର୍ତ୍ତିତ ହୋଇ ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ଲିପି ପ୍ରାୟ ଗୋଲାକାର ହୋଇ ଓଡ଼ିଆ ଲିପି ଭାବରେ ଗୃହୀତ ହୋଇଛି ।(୮) ଓଡ଼ିଆ ଭାଷା ସାହିତ୍ୟ ସପ୍ତମ ଶତକରୁ ଏ ଯାବତ୍ କ୍ରମବିବର୍ତ୍ତିତ ହୋଇଆସିଛି । କଥିତ ସାହିତ୍ୟ, ଅଭିଲେଖ ସାହିତ୍ୟ ଓ ଲିଖିତ ସାହିତ୍ୟ ଭେଦରେ ଓଡ଼ିଆ ସାହିତ୍ୟକୁ ଭାଗ କରାଯାଇଥାଏ । ଲୋକଗଳ୍ପ, ଲୋକଗୀତ ଓ ଢଗଢ଼ମାଳିରେ ଓଡ଼ିଆ ସାହିତ୍ୟ ସମୃଦ୍ଧ । ଚର୍ଯ୍ୟାଗୀତି ଓଡ଼ିଆ ସାହିତ୍ୟର ପ୍ରଥମ ପଦ୍ୟସାହିତ୍ୟ ଓ ରୁଦ୍ରସୁଧାନିଧି ପ୍ରଥମ ଗଦ୍ୟ ସାହିତ୍ୟର ମାନ୍ୟତା ପାଇଛି । ସାରଳା ଦାସଙ୍କ ମହାଭାରତ, ବଳରାମ ଦାସଙ୍କର ରାମାୟଣ, ଜଗନ୍ନାଥ ଦାସଙ୍କର ଭାଗବତ, ଦୀନକୃଷ୍ଣଙ୍କର ରସକଲ୍ଲୋଳ, ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ପ୍ରଭୃତିଙ୍କର କାବ୍ୟରାଜି ଏବଂ ଆଧୁନିକ ଓଡ଼ିଆ ସାରସ୍ୱତ ସାଧକଙ୍କର ସାହିତ୍ୟରେ ଓଡ଼ିଆ ବାଣୀଭଣ୍ଡାର ସମୃଦ୍ଧ ।


ଇରମ, ଭଦ୍ରକ

କଳାର ଉତ୍କର୍ଷରୁ ଉତ୍କଳର ସୃଷ୍ଟି । ବାସ୍ତବରେ ଓଡ଼ିଶା ମାଟି ହିଁ ବିବିଧ କଳାର ମିଳନ କ୍ଷେତ୍ର । ଏଠାରେ ଚାରୁ ଓ କାରୁକଳାର ନିରୂପଣ ଅନିର୍ବଚନୀୟ । ଓଡ଼ିଶାରେ ନିର୍ମିତ ମନ୍ଦିର, ଗୀର୍ଜା ଓ ମସ୍‌ଜିଦ୍ ସ୍ଥାପତ୍ୟ କଳାର ଗୋଟିଏ ଗୋଟିଏ ନିଦର୍ଶନ । ସପ୍ତମ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଥିଲା । ଜଗନ୍ନାଥ ମନ୍ଦିର, କୋଣାର୍କ ମନ୍ଦିର, ଲିଙ୍ଗରାଜ ମନ୍ଦିର, ରାଜରାଣୀ ମନ୍ଦିର ପ୍ରଭୃତି ଅଦ୍ୟାବଧି ବିଶ୍ୱବାସୀଙ୍କ ଦୃଷ୍ଟିର କେନ୍ଦ୍ରବିନ୍ଦୁ ସାଜିଛନ୍ତି । ବିବିଧ ଧର୍ମ ପ୍ରଭାବରେ ଉତ୍କଳ ସ୍ଥାପତ୍ୟ ପ୍ରଭାବିତ । ଧଉଳିଗିରିର ପଥର ଖୋଦେଇ ହାତୀମୂର୍ତ୍ତି ଓଡ଼ିଶାର ସର୍ବପ୍ରାଚୀନ ସ୍ଥାପତ୍ୟ ।(୯) ବିବିଧ ପ୍ରସ୍ତର ସ୍ମୃତିସ୍ତମ୍ଭରେ ବୌଦ୍ଧ, ଜୈନ, ବୈଷ୍ଣବ, ଶାକ୍ତ ପ୍ରଭୃତି ଧର୍ମର ପ୍ରଭାବ ଦେଖିବାକୁ ମିଳିଥାଏ । ରତ୍ନଗିରି, ଉଦୟଗିରି, ଲଳିତଗିରି ପ୍ରଭୃତିରେ ବୌଦ୍ଧଧର୍ମର ଛାପ ଦିଶୁଥିବାବେଳେ ଖଣ୍ଡଗିରି, କାକଟପୁର, ଯାଜପୁର, ଚରମ୍ପା, ଅଯୋଧ୍ୟା, ବରପଦା ପ୍ରଭୃତି ସ୍ଥାନରେ ଆବିଷ୍କୃତ ମୂର୍ତ୍ତିରୁ ଜୈନଧର୍ମର ସଂକେତ ମିଳେ ।(୧୦) ସେହିପରି ବିଭିନ୍ନ ମନ୍ଦିର ଗାତ୍ରରେ ବିଷ୍ଣୁ, ନରସିଂହ, ତ୍ରିବିକ୍ରମ ପରି ବିବିଧ ମୂର୍ତ୍ତି ବିଶେଷ କରି ସରାଙ୍ଗଠାରେ ପଥର ନିର୍ମିତ ଶାୟିତ ବିଷ୍ଣୁ ବିଗ୍ରହରୁ ଓଡ଼ିଶାରେ ବୈଷ୍ଣବ ଧର୍ମର ସୂଚନା ମିଳୁଥିବାବେଳେ ନଟରାଜ, ଭୈରବ, ଭୈରବୀ, ତାରିଣୀ ପ୍ରଭୃତି ମୂର୍ତ୍ତିରୁ ଶୈବ ଓ ଶାକ୍ତ ଧର୍ମର ପ୍ରଭାବ ସମ୍ପର୍କରେ ଆଭାସ ମିଳିଥାଏ । ଉତ୍କଳର ଶିଳ୍ପୀକୁଳ ନିର୍ଜୀବ ପଥର ଦେହରେ ଜୀବନ୍ତ ରୂପ ଦେଇ ଓଡ଼ିଶାରେ ଧାର୍ମିକ ଭାବଧାରାକୁ କଳାକୃତିରେ କାଳଜୟୀ କରି ରଖିଛନ୍ତି । ସ୍ଥାପତ୍ୟ କଳାରେ ଓଡ଼ିଶା ବିଶ୍ୱପ୍ରସିଦ୍ଧ ।

ଚିତ୍ରକଳା ଓଡ଼ିଶାର ଅନ୍ୟତମ ବିଭବ । ପଟ୍ଟ ବା କପଡ଼ା, କାଗଜ କିମ୍ବା ତାଳପତ୍ରରେ ଶିଳ୍ପୀମାନେ ଅନେକ ଲୋକକଥା, ଧର୍ମଭାବନା ଓ ପରମ୍ପରାକୁ ଭିତ୍ତିକରି ଚିତ୍ର ଆଙ୍କିଥାନ୍ତି । ଜଗନ୍ନାଥ, ରାଧାକୃଷ୍ଣ, ସୀତାରାମ, ଦଶାବତାର ପରି ବିଭିନ୍ନ ପୌରାଣିକ ଚରିତ୍ରମାନେ ଏଥିରେ ସ୍ଥାନ ପାଇଥାନ୍ତି । ପଟ୍ଟଚିତ୍ର ସୃଷ୍ଟି କରିବାରେ ନୟାଗଡ଼ର ରଘୁନାଥପୁରର ସ୍ୱତନ୍ତ୍ର ସ୍ଥାନ ରହିଛି । ସେହିପରି ଚାନ୍ଦୁଆ ପ୍ରସ୍ତୁତିରେ ପିପିଲିର ସ୍ଥାନ ମଧ୍ୟ ସ୍ୱତନ୍ତ୍ର । ଝୋଟି, ମୁରୁଜର ଚିତ୍ରକଳା ହେଉଛି ଓଡ଼ିଶାର ଲୋକ ଚିତ୍ରକଳା । ଗ୍ରାମ୍ୟ ଲଳନାଠାରୁ ଆରମ୍ଭ କରି ସହରୀ ଲଳନା ପର୍ଯ୍ୟନ୍ତ ସବୁ ଓଡ଼ିଆଣୀ ଏ କଳାରେ ନିପୁଣ । ପୂନେଇଁ ପର୍ବରେ ଦାଣ୍ଡ ଦୁଆର, ଅଗଣା ଓ ଚଉରାମୂଳରେ ଚାଉଳଚୂନା କିମ୍ବା ବିଭିନ୍ନ ରଙ୍ଗର ମୁରୁଜରେ ଚିତ୍ର ଆଙ୍କିବା ପଛରେ ଲୋକକଳା ପ୍ରତି ଅନୁରକ୍ତି, ଧାର୍ମିକ ପ୍ରୀତି ଓ ପରିବାରର ମଙ୍ଗଳ କାମନାରେ ଉଦ୍ଦେଶ୍ୟ ରହିଥାଏ । ଏହି ଲୋକ-ଚିତ୍ର-କଳା ବଂଶାନୁକ୍ରମେ ପୁରପଲ୍ଲୀରେ ପ୍ରଚଳିତ ।(୧୧) ଓଡ଼ିଶାରେ ଯାତ୍ରା, ପାଲା, ଦାସକାଠିଆ, ସୁଆଙ୍ଗ କଣ୍ଢେଇନାଚ ପ୍ରଭୃତି ଲୋକକଳା ଅତ୍ୟନ୍ତ ଲୋକାଭିମୁଖୀ ଓ ଲୋକପ୍ରିୟ । ଏହି କଳା ଜନସାଧାରଣ ପାଇଁ ଅଣାନୁଷ୍ଠାନିକ ଶିକ୍ଷାକେନ୍ଦ୍ର ପରି କାର୍ଯ୍ୟ କରିଥାନ୍ତି । ଏହି କଳା ମାଧ୍ୟମରେ ବିଭିନ୍ନ ଚରିତ୍ର ଓ ବିଷୟ ପରିବେଷଣ କରାଯାଇ ଲୋକମାନଙ୍କୁ ନୈତିକ ଶିକ୍ଷା ଦିଆଯାଏ । ଓଡ଼ିଶାରେ ବହୁ ଯାତ୍ରାଦଳ ଓଡ଼ିଶା ବାହାରେ ମଧ୍ୟ ସୁନାମ ଅର୍ଜନ କରିଛନ୍ତି । ସେହିପରି ପାଲା ମଧ୍ୟ ଉତ୍କଳୀୟ ସଂସ୍କୃତିର ଅନ୍ୟତମ ଚଳନ୍ତି ପ୍ରତିନିଧି । ଗାୟକ ଓ ତାଙ୍କର ସହକର୍ମୀ ବନ୍ଧୁଗଣ ପୌରାଣିକ କଥାବସ୍ତୁଗୁଡ଼ିକୁ ରସାଳ ବର୍ଣ୍ଣନା ମାଧ୍ୟମରେ ଜନସାଧାରଣଙ୍କୁ ଆନନ୍ଦ ଓ ନୀତିଶିକ୍ଷା ଦେଇଥାନ୍ତି । ପାଲାପରି ଦାସକାଠିଆ ଓଡ଼ିଶାର ଏକ ନିଚ୍ଛକ ଲୋକକଳା । ଦୁଇଖଣ୍ଡ ଛୋଟକାଠରେ ମଧୁର ଧ୍ୱନି ସୃଷ୍ଟି କରିବା

ସହିତ ପ୍ରତିପଦରେ 'ରାମ ଯେ ଜୟ ରାମ ଯେ, ନବୀନ ସୁନ୍ଦର ରାମ ଯେ, ଜୟ ରାମ ଯେ' ଇତ୍ୟାଦି ଘୋଷା ବୋଲା ଯାଉଥିବାରୁ ଏହାକୁ ରାମକାଠି ମଧ୍ୟ କୁହାଯାଏ ।

ଓଡ଼ିଶାରେ ନୃତ୍ୟସଂଗୀତର ଏକ ନିଆରା ପରମ୍ପରା ପ୍ରଚଳିତ । ଓଡ଼ିଶୀ ନୃତ୍ୟ ଓଡ଼ିଶାର ଜାତୀୟ ନୃତ୍ୟ । ଏହି ନୃତ୍ୟ ଜଗନ୍ନାଥ ମନ୍ଦିରର ଦେବଦାସୀ ବା ମାହାରୀ ନୃତ୍ୟରୁ ବିକାଶ ଲାଭ କରିଛି ।(୧୨) ଏହି ନୃତ୍ୟ ଜୟଦେବଙ୍କ ଗୀତଗୋବିନ୍ଦର ଦଶାବତାର ଓ ଅନ୍ୟାନ୍ୟ ସଂସ୍କୃତ ସଂଗୀତର ସ୍ୱର ସହିତ କଳାତ୍ମକ ଅଭିନୟ ଅତ୍ୟନ୍ତ ଜୀବନ୍ତ ତଥା ଚିତ୍ତାକର୍ଷକ ହୋଇଥାଏ । ଓଡ଼ିଶୀ ନୃତ୍ୟ ପାଇଁ ଓଡ଼ିଶା ବିଶ୍ୱଦରବାରରେ ପରିଚିତ । ଓଡ଼ିଶୀ ନୃତ୍ୟ ବ୍ୟତୀତ ଅନେକ ଦେଶୀୟ ନୃତ୍ୟ ଓଡ଼ିଶାରେ ପ୍ରଚଳିତ । ଏହି ସବୁ ନୃତ୍ୟରେ ଜନଜୀବନର ଚଳଣି, ଆଧ୍ୟାତ୍ମିକତା, ସାମାଜିକ ମୂଲ୍ୟବୋଧ ପ୍ରଭୃତି ପ୍ରତିଫଳିତ ହୋଇଥାଏ । ଜନସାଧାରଣଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବା ସହିତ ଆଧ୍ୟାତ୍ମିକତା ଓ ନୈତିକତାରେ ଉଦ୍‌ବୁଦ୍ଧ କରିବା ଏଗୁଡ଼ିକର ମୁଖ୍ୟ ଲକ୍ଷ୍ୟ । ମୟୂରଭଞ୍ଜ ଜିଲ୍ଲାର ଛଉନୃତ୍ୟ ଭାରତ ପ୍ରସିଦ୍ଧ । ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼ ପ୍ରଭୃତି ଅଞ୍ଚଳରେ ଡାଲଖାଇ ଓ କରମାନୃତ୍ୟ, ପୁରପଲ୍ଲୀରେ ପ୍ରଚଳିତ କେଳାକେଲୁଣୀ ନାଚ, ବଲାଙ୍ଗୀରର ଗଣ୍ଡ ସମ୍ପ୍ରଦାୟର ବିହାନାଚ, ସୁନ୍ଦରଗଡ଼ର ଥେଟକ ନାଚ, କଳାହାଣ୍ଡି, ବଲାଙ୍ଗୀର ପ୍ରଭୃତି ଅଞ୍ଚଳରେ ଘୁମୁରା ନାଚ, କୋରାପୁଟର ପରବନାଚ, ମୁଣ୍ଡା ସମ୍ପ୍ରଦାୟର ଝୁମର ନାଚ, ଗଣ୍ଡ ଓ ଭୂୟାଁ ସମ୍ପ୍ରଦାୟର କୋଇସାବାଡ଼ି ନାଚ, କଳାହାଣ୍ଡିରେ ମାଦଳନାଚ, କନ୍ଧ ସମ୍ପ୍ରଦାୟର ଧାଙ୍ଗଡ଼ା-ଧାଙ୍ଗଡ଼ୀ ନାଚ, କନ୍ଧ ସମ୍ପ୍ରଦାୟର ଡାପନାଚ, ଭୂୟାଁ ସମ୍ପ୍ରଦାୟର ଚାଙ୍ଗୁନାଚ ସୋନପୁରର ବାଘନାଚ ଓ ବାଉଁଶରାଣୀ ନାଚ । ଏହାବ୍ୟତୀତ ବିଭିନ୍ନ ଅଞ୍ଚଳରେ ଦଣ୍ଡନାଚ, ପାଟୁଆନାଚ, ଦୁଆରୀ ନାଚ, ନବରଙ୍ଗନାଟ, ଦଧିନାଟ ପ୍ରଭୃତି ଉତ୍କଳୀୟ ସଂସ୍କୃତିର ଜୀବନ୍ତ ପରିପ୍ରକାଶ । ନୃତ୍ୟ ପରି ଓଡ଼ିଶାର ପୁରପଲ୍ଲୀରେ ବିବିଧ ପର୍ବପର୍ବାଣି ଓଡ଼ିଶାର ସଂସ୍କୃତିକୁ ବଞ୍ଚାଇ ରଖିଛି । ଦୋଳ, ରଜ, ଦୁର୍ଗାପୂଜା, କାଳିପୂଜା, ଲକ୍ଷ୍ମୀପୂଜା, ମକରସଂକ୍ରାନ୍ତି, ଧନୁଯାତ୍ରା, ଶାମ୍ବଦଶମୀ, ବାଲିଯାତ୍ରା, ବାଟଓଷା, ଖୁଦୁରୁକୁଣୀ ଓଷା, କୁମାରପୂର୍ଣ୍ଣିମା, ସାବିତ୍ରୀ ଅମାବାସ୍ୟା ପ୍ରଭୃତି ଗ୍ରାମ୍ୟ ଜୀବନକୁ କେବଳ ସରସ ସୁନ୍ଦର କରେ ନାହିଁ ବରଂ ବଞ୍ଚିବାର ଏକ ନୈତିକ ମାର୍ଗ ନିର୍ଦ୍ଦେଶ କରିଥାଏ । ଓଡ଼ିଶାରେ ପ୍ରଚଳିତ ବିବିଧ ସଂଗୀତର ପରମ୍ପରା ଓଡ଼ିଶା ସଂସ୍କୃତିର ନିଆରା ପରିପ୍ରକାଶ । ଓଡ଼ିଶୀଗୀତ, ପଲ୍ଲୀଗୀତ, ଭକ୍ତି ସଂଗୀତ, ସମ୍ବଲପୁରୀ ଗୀତ ସହିତ ଏ ରାଜ୍ୟରେ ହିନ୍ଦୁସ୍ଥାନୀ ଓ ଦକ୍ଷିଣ ଭାରତୀୟ ଶାସ୍ତ୍ରୀୟ ସଂଗୀତର ଆଦର ଖୁବ୍ ଅଧିକ । ଯୁଗ ଯୁଗ ଧରି ଏହି ସଂଗୀତ ଓଡ଼ିଶାର ସଂସ୍କୃତିକୁ ବଞ୍ଚାଇ ରଖିଛି ।

ଓଡ଼ିଶାର ଶିଳ୍ପୀକୂଳ ନିର୍ଜୀବ ବସ୍ତୁକୁ ଜୀବନ୍ୟାସ ଦେଇ ଉତ୍କଳର ନାମକୁ ଯେପରି ସାର୍ଥକ କରିଥାଆନ୍ତି, ତାହା ଅନ୍ୟତ୍ର ବିରଳ । ସେମାନେ ମାଟି, କାଠ, ପଥର, ଶିଙ୍ଘରେ ନିର୍ମିତ ପ୍ରତିକୃତି, ବେତ, ଘାସ, ନଡ଼ିଆକତା ଓ ତାଳପତ୍ରରେ ନିର୍ମିତ ବିଭିନ୍ନ ଆସବାବପତ୍ର, କଣ୍ଢେଇ ଓ ମୁଖା ନିର୍ମାଣ, ପଟ୍ଟଚିତ୍ର, ତନ୍ତବୁଣା ବସ୍ତ୍ରରେ ବିଭିନ୍ନ ବନ୍ଧ ଅଙ୍କନ ପ୍ରଭୃତି ଓଡ଼ିଶାର କଳାସଂସ୍କୃତିକୁ ବଞ୍ଚାଇ ରଖିଛି ।

ଓଡ଼ିଶାର ଉପରୋକ୍ତ ସକଳ କଳାକୃତି, ଧର୍ମଭାବନା, ଧାର୍ମିକ ସହାବସ୍ଥାନ ଯେଉଁ ସଂସ୍କୃତିରେ ବିଲୀନ ହୋଇଯାଇଛି, ତାହା ହେଉଛି ଜଗନ୍ନାଥ ସଂସ୍କୃତି । ଏହି ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଶାର ସଂସ୍କୃତି । କାରଣ ଓଡ଼ିଶାର ଧାର୍ମିକ, ସାମାଜିକ ରୀତିନୀତି ଓ ବ୍ୟକ୍ତିଗତ ଜୀବନ ସହିତ ଜଗନ୍ନାଥ ସଂସ୍କୃତି ଏତେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଯେ ତାଙ୍କୁ ବାଦ୍ ଦେଇ ଓଡ଼ିଆଙ୍କ ଅସ୍ତିତ୍ୱକୁ କଳ୍ପନା କରାଯାଇପାରିବ ନାହିଁ । ଏଠାରେ ଜଗନ୍ନାଥ ଜଣେ ଦେବତା ଭାବରେ ଯେତିକି ପୂଜ୍ୟ ଜଣେ ସାଧାରଣ ମଣିଷ ଭାବରେ ସେତିକି ଆଦରଣୀୟ । ଜଣେ ସାଧାରଣ ମଣିଷ ପରି ସେ ରଥ ଚଢ଼ି ଭ୍ରମଣ କରିଥାନ୍ତି । ସେ ସ୍ନାନ କରନ୍ତି, ତାଙ୍କୁ ଜ୍ୱର ହୁଏ, ସେ ଜ୍ୱର ପୁଣି ପଥ୍ୟ ସେବନରେ ହିଁ ଭଲ ହୁଏ । ଆମ ପରି ସେ ମାଉସୀ ଘରକୁ ଯାଆନ୍ତି, ପୋଡ଼ପିଠା ମଧ୍ୟ ଖାଆନ୍ତି । ନିଜ ଦିଅଁଙ୍କୁ ଏତେ ଆପଣାର କରି ଦେଖିବା ଅନ୍ୟତ୍ର ବିରଳ । ଜଗନ୍ନାଥଙ୍କୁ ଆପଣାର କରି ଓଡ଼ିଆମାନେ ତାଙ୍କୁ ଏମିତି ବାନ୍ଧି ରଖିଛନ୍ତି ଯେ ଦେଖିଲେ ମନେହୁଏ ଜଗନ୍ନାଥ ନୀରବ ନିଶ୍ଚଳ ମାନବେତ୍ତର ଦେବତା ନୁହଁନ୍ତି, ସେ ପ୍ରତ୍ୟେକ ଓଡ଼ିଆଙ୍କର ମୁରବି ମଧ୍ୟ । ଏହି ମହନୀୟ ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଶାର ସଂସ୍କୃତି । ଓଡ଼ିଶାର ସଂସ୍କୃତି ଅତି ପ୍ରାଚୀନ । ଏ କ୍ଷୁଦ୍ର ପ୍ରବନ୍ଧରେ ଏହି ସଂସ୍କୃତିର ସବୁ ତଥ୍ୟ ସନ୍ନିବେସିତ କରିବା ସମ୍ଭବ ନୁହେଁ । ଆଜି ପାଶ୍ଚାତ୍ୟ ସଂସ୍କୃତିର ଅବାଧ ଅନୁପ୍ରବେଶ ସତ୍ତ୍ୱେ ଓଡ଼ିଶାରେ ଅକ୍ଷୟ ତୃତୀୟା, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ, ରଜ, ଖୁଦୁରୁକୁଣୀ ଓଷା, ନୂଆଖାଇ, ଦ୍ୱିତୀୟ ଓଷା, କୁମାରପୂର୍ଣ୍ଣିମା, ବାଲିଯାତ୍ରା, ଧନୁଯାତ୍ରା, ଶାମ୍ବଦଶମୀ, ମକର ସଂକ୍ରାନ୍ତି ପରି ବହୁ ପର୍ବପର୍ବାଣିକୁ ନିଜ ସଂସ୍କୃତିରେ ସାଇତି ରଖିଛି । ଏଗୁଡ଼ିକ ତା'ର ନିଜସ୍ୱ ସମ୍ପତ୍ତି ।

ଭଦ୍ରକ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଭୌଗୋଳିକ ଏବଂ ଐତିହାସିକ ଦୃଷ୍ଟିକୋଣରୁ ଏ ଅଞ୍ଚଳ ସର୍ବଦା ଗୁରୁତ୍ୱ ବହନ

କରିଆସିଛି । ତେଣୁ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ବଞ୍ଚାଇ ରଖିବା ସହିତ ବହୁ ନୂତନ ସଂସ୍କୃତି ଏବଂ ପରମ୍ପରାକୁ ଏଥିରେ ସଂଯୋଗ କରି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଆସିଛି । ଭଦ୍ରକ କେତେ ସଂସ୍କୃତି ସମ୍ପନ୍ନ ତା' ନାମକରଣର ବହୁବିଧ ପର୍ଯ୍ୟାଲୋଚନାରୁ ଜଣାଯାଏ । 'ଭଦ୍ର'ର ଅର୍ଥ ମଙ୍ଗଳ ବା ଉତ୍ତମ 'ଓକଃ' ଅର୍ଥ ବାସସ୍ଥାନ । ଏହି ଦୁଇଟି ଶବ୍ଦର ସଂଯୋଗରୁ ଭଦ୍ରକ ଶବ୍ଦ ସୃଷ୍ଟି ହୋଇଥିବାରୁ ତା'ର ବ୍ୟାଖ୍ୟା କରାଯାଇପାରେ – 'ଭଦ୍ରାଣାଂ ଓକଃ ଇତି ଭଦ୍ରୌକଃ ।' ଯାହାର ଅର୍ଥ – 'ମଙ୍ଗଳର ନିବାସ ସ୍ଥାନ' ବା 'ଉତ୍ତମ ଲୋକଙ୍କର ବାସସ୍ଥାନ' । ଏହି ଭଦ୍ରୌକ ଶବ୍ଦଟି ଉଚ୍ଚାରଣ ପାଇଁ ସହଜ ନ ହେବାରୁ କାଳକ୍ରମେ ଅପଭ୍ରଂଶ ହୋଇ ଭଦ୍ରକ ହୋଇଛି । ଆକବରଙ୍କ ଶାସନ ସମୟରେ ଓଡ଼ିଶା ମୁଖ୍ୟତଃ ତିନିଟି ଡିଭିଜନରେ ବିଭକ୍ତ ହୋଇଥିଲା । ତନ୍ମଧ୍ୟରୁ 'ବୃଦରକ' ଗୋଟିଏ ଡିଭିଜନ ଥିଲା । ସେହି ବୃଦରକ ହିଁ ଆଧୁନିକ ଭଦ୍ରକ ବୋଲି କେହି କେହି ମତ ଦେଇଥାନ୍ତି । ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ଭଦ୍ରକାଳୀଙ୍କ ନାମାନୁସାରେ ଏ ଅଞ୍ଚଳର ନାଁ ଭଦ୍ରକ ହୋଇଛି ବୋଲି ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ତାଙ୍କ ସନ୍ଦର୍ଭ 'ଜନ୍ମ ଓ ଜନ୍ମଭୂମି'ରେ ଉଲ୍ଲେଖ କରିଛନ୍ତି । ଖ୍ରୀ:ପୂ:୪୪୦ରେ ବର୍ତ୍ତମାନର ଚରମ୍ପା ଚମ୍ପାନଗରର ନାମରେ ଏକ ସମୃଦ୍ଧଶାଳୀ ରାଜ୍ୟ ଥିଲା । ସେଠାରେ ଶାସକ ଥିଲେ ଦଧିବାମନ ନାମକ ଜନୈକ ଜୈନ ଧର୍ମାବଲମ୍ବୀ ରାଜା । ମଗଦ ରାଜାଙ୍କର ସେନାପତି ଭଦ୍ରିକ ଦଧିବାମନଙ୍କୁ ପରାଜିତ କରିଥିଲେ । ତାଙ୍କ ନାମାନୁସାରେ ଏ ଅଞ୍ଚଳର ନାମ ଭଦ୍ରକ ହୋଇଥିବାର ମଧ୍ୟ ଜଣାଯାଏ ।(୧୩) ଏହିପରି ବିବିଧ ମତମତାନ୍ତର ମଧ୍ୟରେ ଭଦ୍ରକର ନାମକରଣ ଏକ ସିଦ୍ଧାନ୍ତବିହୀନ ସ୍ଥିତିରେ ରହିଛି । ସେ ଯାହା ହେଉନା କାହିଁକି ଭଦ୍ରକର ଭୌଗୋଳିକ ସ୍ଥିତି, ଐତିହାସିକ ପରମ୍ପରା, ସଂସ୍କୃତି, କଳା, ସ୍ଥାପତ୍ୟ, ଭାଷା ଓ ଧର୍ମର ସମନ୍ୱିତ ସହାବସ୍ଥାନ ସମୟକ୍ରମେ ବହୁ ମହାମନୀଷୀମାନଙ୍କର ସଂସ୍ପର୍ଶରେ ଆସି ପୁଷ୍କଳ ହୋଇଛି – ଏ କଥା ସ୍ୱୀକାର୍ଯ୍ୟ । ତେଣୁ ଓଡ଼ିଶାର ସଂସ୍କୃତିକୁ ଭଦ୍ରକ ଯୁଗ ଯୁଗ ଧରି ବିଭିନ୍ନ ଦିଗରୁ ପରିପୁଷ୍ଟ କରି ଆସିଛି । ଭଦ୍ରକର ଏହି ମହାନ ପରମ୍ପରା ସଂପର୍କରେ ପ୍ରାଥମିକ ତଥ୍ୟ ମିଳେ ଜୈନ ତୀର୍ଥଙ୍କର ପାଶ୍ୱନାଥଙ୍କ ସମୟରୁ । ସେ (ଖ୍ରୀ:ପୂ:୮୨୦-୭୫୦) ଧର୍ମ ପ୍ରଚାର ପାଇଁ କୋପକଟକ ଆସିଥିଲେ । ଏ କୋପକଟକ ହିଁ ଭଦ୍ରକ ସଂଲଗ୍ନ ଆଧୁନିକ କୁପାରୀ ।(୧୪) ଚରମ୍ପା ଗ୍ରାମରେ ଥିବା ତିନିଗୋଟି ବଡ଼ ପୁଷ୍କରିଣୀ ମଧ୍ୟରୁ ରହଣିଆ ସ୍ଥିତ ଗୋଟିଏ ପୁଷ୍କରିଣୀର ଚତୁଃପାର୍ଶ୍ୱରେ ଚତୁର୍ବିଂଶ ତୀର୍ଥଙ୍କରଙ୍କ ମୂର୍ତ୍ତି ସ୍ଥାପିତ ହୋଇଥିଲା । ସେହି ମୂର୍ତ୍ତିଗୁଡ଼ିକ ମଧ୍ୟରୁ ଅଜିତନାଥ, ଶାନ୍ତିନାଥ, ଋଷଭନାଥ ଓ ମହାବୀରର ମୂର୍ତ୍ତି ବର୍ତ୍ତମାନ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅଛି । ଆଜି ମଧ୍ୟ ସେହି ପୁଷ୍କରିଣୀର ପୂର୍ବପାଖ ହୁଡ଼ାରେ ପାର୍ଶ୍ୱନାଥଙ୍କର ଗୋଟିଏ ମୂର୍ତ୍ତି ଅଛି ।(୧୫) ଏଥିରୁ ଭଦ୍ରକରେ ଜୈନଧର୍ମର ପ୍ରଚଳନ ଥିବାର ଜଣାଯାଏ । ଭଦ୍ରକରେ ଜୈନଧର୍ମ ପରି ବୌଦ୍ଧଧର୍ମର ମଧ୍ୟ ପ୍ରଭାବ ପଡ଼ିଥିବାର ଜଣାଯାଏ । ଆଧୁନିକ ଧାମନଗର ପ୍ରାୟ ହଜାର ବର୍ଷତଳେ ଧମ୍ମନଗର ନାମରେ ନାମିତ ହୋଇଥିଲା । ଧମ୍ମ ବୌଦ୍ଧଧର୍ମର ବହୁ ପ୍ରଚଳିତ ଶବ୍ଦ । ଏ ଅଞ୍ଚଳ ସେ ସମୟରେ ବୌଦ୍ଧଧର୍ମର ଶ୍ରେଷ୍ଠପୀଠ ଭାବରେ ଖ୍ୟାତି ଅର୍ଜନ କରିଥିଲା । ଖଡ଼ିଆଳରୁ ସଂଗୃହୀତ ବିଶାଳ ବୌଦ୍ଧମୂର୍ତ୍ତି ଏବେ ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଅଛି ।(୧୬) ଭଦ୍ରକର ଦୁଇଟି ଅଞ୍ଚଳ ବାଉଦପୁର ଓ ଜାନୁଗଞ୍ଜ ଯଥାକ୍ରମେ ବୌଦ୍ଧ ଶବ୍ଦ ଓ ମରହଟ୍ଟା ଶାସକ ଜାନୋଜୀଙ୍କ ନାମାନୁସାରେ ହୋଇଥିବାର ଜଣାଯାଏ ।(୧୭) ମୋଗଲ ଓ ମରହଟ୍ଟାଙ୍କ ଶାସନ ସମୟରେ ଭଦ୍ରକରେ ଅନେକ ଜନହିତକର କାର୍ଯ୍ୟ ହୋଇଥିଲା । ଇନ୍ଦୋରର ରାଣୀ ଅହଲ୍ୟାବାଈ ପୁରୀ ଯାତ୍ରା କରିବାବେଳେ ଗୋସେଇଁ ଶାଶୁଙ୍କ ଅର୍ଥରେ ଏକ ବିରାଟ ପୁଷ୍କରିଣୀ ଖୋଳାଇଥିଲେ । ଏହାକୁ 'ରାଣୀତାଲାଓ୍ୱ କୁହାଯାଉଥିଲା । କାଳକ୍ରମେ ଏହାର ନାମ ଅପଭ୍ରଂଶ ହୋଇ ରାଣୀତାଲ ହୋଇଛି । ମିର୍ଜାପୁର ଓ ଛଡ଼ାକ ମହଲାରେ ମଧ୍ୟ ରାଜା ପୁରୁଷୋତ୍ତମ ଦେବଙ୍କ ମନ୍ତ୍ରୀ ବିଦ୍ୟାଧର ଏକ ବିରାଟ ପୁଷ୍କରିଣୀ ଖୋଳାଇଥିଲେ, ତାହା ଏବେ ବି ବିଦ୍ୟାଧର ପୋଖରୀ ନାମରେ ପରିଚିତ । ସେହିପରି ଧାମନଗରରେ ମରହଟ୍ଟା ଶାସକ ଜଗୁପଣ୍ଡିତ ନାମରେ ଜଗୁସାଗର ପୋଖରୀ ଥିବାର କୁହାଯାଏ ।(୧୮)

୧୫୧୪ ଖ୍ରୀଷ୍ଟାବ୍ଦରେ ଚୈତନ୍ୟଦେବ ପୁରୀରୁ ପ୍ରତ୍ୟାବର୍ତ୍ତନ କରି ଭଦ୍ରକର କୁଳିଆଗ୍ରାମରେ ବିଦ୍ୟାବାଚସ୍ପତି ନାମକ ଜନୈକ ଧର୍ମଯାଜକଙ୍କ ଘରେ ପାଞ୍ଚଦିନ ଅବସ୍ଥାନ କରିଥିଲେ । ଏହି ସନ୍ଥଙ୍କ ନାମାନୁସାରେ ଉକ୍ତ ଗାଁର ନାଁ ସନ୍ଥିଆ ହୋଇଛି । ସେ ଛାଡ଼ି ଯାଇଥିବା କନ୍ଥାଟିକୁ ଶ୍ରଦ୍ଧାଳୁମାନେ ଏବେ ବି ସେ ଗାଁରେ ରଖି ପୂଜା କରି ଆସୁଛନ୍ତି । ତାଙ୍କ ପାଦପଦ୍ମର ସ୍ମାରକ କୁଆଁସ ଗ୍ରାମର ଗୋଟିଏ ମନ୍ଦିରରେ ପୂଜା ପାଇ ଆସୁଛି । ଏଥିରୁ ଏ ଅଞ୍ଚଳ ଯେ ପୂର୍ବଭାବରେ ସାଧୁସନ୍ଥମାନଙ୍କୁ ଯଥେଷ୍ଟ ଶ୍ରଦ୍ଧା ସମ୍ମାନ କରୁଥିଲା – ଏକଥା ସ୍ୱତଃ ପ୍ରମାଣିତ ହୁଏ । ଷୋଡ଼ଶ ଶତକର ପ୍ରଥମ ଦଶକରେ ନାନକ ପୁରୀ ଯିବାବେଳେ ଭଦ୍ରକରେ ଅବସ୍ଥାନ କରି ସଂଘ (ସଙ୍ଗଂତ)ରେ ଭାଗ ନେଇଥିଲେ । ତେଣୁ ସେ ଅଞ୍ଚଳର ନାମ ସଂଗତ ହେବା ସହିତ ଏ ସ୍ଥାନକୁ ଏବେ ବି ନାନକ ଡିହି ବୋଲି ମଧ୍ୟ କୁହାଯାଉଛି । ଏଠାରେ ଏକ ଗୁରୁଦ୍ୱାର ମଧ୍ୟ ସ୍ଥାପନ

କରାଯାଇଛି । ୧୮୬୪ ଖ୍ରୀଷ୍ଟାବ୍ଦରେ ପୁରୀ ରାମାନୁଜ ମଠ ମହନ୍ତଙ୍କ ଶିକ୍ଷାଗୁରୁ ରାମାୟଣ ଦାସ ବୃନ୍ଦାବନ ଯିବା ବାଟରେ ଭଦ୍ରକ ପୁରୁଣା ବଜାର ନିକଟରେ ସାଳନ୍ଦୀ ନଦୀ କୂଳରେ ଭକ୍ତଙ୍କ ଭକ୍ତିରେ ବିହ୍ୱଳ ହୋଇ ରହିଯାଇଥିଲେ । ତାଙ୍କ ପାଇଁ ତାଙ୍କ ଶିଷ୍ୟ ସେଠାରେ ସଦାବର୍ତ୍ତ ମଠ ସ୍ଥାପନ କରିଥିଲେ । ୧୫୭୫ ଖ୍ରୀଷ୍ଟାବ୍ଦ ଅପ୍ରେଲ ୧୨ ତାରିଖରେ ଆକବର ଭଦ୍ରକକୁ ଏକ ସ୍ୱତନ୍ତ୍ର ଡିଭିଜନ (ସର୍କାର)ରେ ପରିଣତ କରିଥିଲେ । କଟକ ଡିଭିଜନଟି ଦାଉଦଙ୍କ ଅଧୀନରେ ଥିବାବେଳେ ଭଦ୍ରକ ଓ ଜଳେଶ୍ୱର ଡିଭିଜନ ମୋଗଲଙ୍କ ଶାସନାଧୀନ ଥିଲା । ତୋଡ଼ରମଲ୍ଲ ଭଦ୍ରକରେ ଛାଉଣି ପକାଇ ବନ୍ଦୋବସ୍ତ କାର୍ଯ୍ୟ ଚଳାଇଥିଲେ । ଆଉରଙ୍ଗଜେବଙ୍କ ସମୟରେ କଦମ୍ବବେଡ଼ା (କୁଆଁସ)ରେ ଇଦ୍‌ଗାହ ନିର୍ମିତ ହୋଇଥିଲା । ୧୮୮୮ ଖ୍ରୀଷ୍ଟାବ୍ଦ ନଭେମ୍ବର ୨୦ ତାରିଖରେ ଶ୍ରୀଶ୍ରୀ ମା' ସାରଦାଦେବୀ ଜଳପଥରେ ଆସି ଚାନ୍ଦବାଲିଠାରେ ପଦାର୍ପଣ କରିଥିଲେ । ପୁନର୍ବାର ୧୯୧୦ ଖ୍ରୀଷ୍ଟାବ୍ଦରେ ସେ ରାମେଶ୍ୱର ଯିବା ବାଟରେ କୋଠାରରେ ଦୁଇମାସ ଅବସ୍ଥାନ କରିଥିଲେ । ଏହିପରି ପ୍ରାଚୀନକାଳରୁ ବହୁ ସାଧୁସନ୍ଥ ଓ ଶାସକମାନଙ୍କ ସଂସ୍ପର୍ଶରେ ଆସି ଏ ଭଦ୍ରକମାଟି ସର୍ବଧର୍ମ, ବିଶ୍ୱାସ, ସଂସ୍କୃତି ଓ ଜାତିବର୍ଣ୍ଣର ସମନ୍ୱୟ କ୍ଷେତ୍ର ପାଲଟି ଯାଇଛି ।

ଭଦ୍ରକରେ ବହୁଧର୍ମର ଲୋକମାନେ ବସବାସ କରୁଥିବାରୁ ବହୁ ଧର୍ମପୀଠ ଏଠାରେ ଗଢ଼ି ଉଠିଛି । ଏହି ଧର୍ମପୀଠଗୁଡ଼ିକ ଭଦ୍ରକରେ କେବଳ ଧର୍ମଭାବନା ସୃଷ୍ଟି କରେ ନାହିଁ ବରଂ ସଦ୍‌ଭାବନା ଓ ସଂପ୍ରୀତି ସୃଷ୍ଟି କରିଥାଏ । ଅତୀତରେ ଏ ଅଞ୍ଚଳରେ ଜୈନଧର୍ମ ଏବଂ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର ହୋଇଥିଲା । ତେଣୁ ବହୁ ଜୈନ ଓ ବୌଦ୍ଧମୂର୍ତ୍ତି ଏଠାରେ ଦେଖିବାକୁ ମିଳେ । କିନ୍ତୁ ଲୋକମାନେ ସେଥିରେ ସିନ୍ଦୂର ବୋଳି ପୂଜା କରୁଥିବାରୁ କାଳକ୍ରମେ ସେଗୁଡ଼ିକ ସିନ୍ଦୂରରେ ପୋତି ପଡ଼ିଥିବାରୁ ସେଗୁଡ଼ିକର ଅସଲ ପରିଚୟ ମିଳି ପାରୁନାହିଁ । ଧାମନଗର ମୁସଲମାନ ବସ୍ତିରେ ଥିବା ମନ୍ତ୍ରବାସୁଳି ହିଁ ବୌଦ୍ଧଧର୍ମର ଅବଲୋକିତେଶ୍ୱର ।(୧୯) ସେହିପରି ଭଦ୍ରକାଳୀ ଓ ଆଖଣ୍ଡଳମଣି ପୀଠ ଭଦ୍ରକର ମୁଖ୍ୟ ଶକ୍ତିପୀଠ ଓ ଶୈବପୀଠ ଭାବରେ ଯୁଗ ଯୁଗ ଧରି ଭକ୍ତମାନଙ୍କୁ ଆକୃଷ୍ଟ କରି ଆସିଛି । ପାଳିଆଷ୍ଟିତ ବିରଞ୍ଚି ନାରାୟଣ ମନ୍ଦିର ଭଦ୍ରକର ସୂର୍ଯ୍ୟୋପାସନାର ଏକ ପ୍ରସିଦ୍ଧ କ୍ଷେତ୍ର । କଥିତ ଅଛି, ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଆରୋଗ୍ୟଲାଭ ପାଇଁ ଏଠାରେ ସୂର୍ଯ୍ୟଙ୍କୁ ପୂଜା କରିଥିଲେ । ସେହି ବିଶ୍ୱାସରେ ପ୍ରତିବର୍ଷ ଅଗ୍ନିପୂର୍ଣ୍ଣିମା ପରଦିନ ଏଠାରେ ଗୁଣ୍ଡୁଣିଯାତ୍ରା ଅନୁଷ୍ଠିତ ହୋଇଥାଏ । ଲୋକମାନେ ଚର୍ମରୋଗରୁ ଆରୋଗ୍ୟ ଲାଭ ପାଇଁ ଫୁଲଛତା ଓ ଫୁଲବିଞ୍ଚଣା ଦେଇ ଭୋଗ କରିଥାଆନ୍ତି । ଏଠାରେ ବିଗ୍ରହ ଚତୁର୍ମୁଖ ହୋଇଥିବାରୁ କେହି କେହି ଭ୍ରମବଶତଃ ଏହାକୁ ବ୍ରହ୍ମା ବୋଲି କହିଥାଆନ୍ତି ।

ଏହାବ୍ୟତୀତ ଭଦ୍ରକର ବିଭିନ୍ନ ମନ୍ଦିର ଏ ଅଞ୍ଚଳର ଧର୍ମଭାବନାର ବାର୍ତ୍ତା ବହନ କରି ଆସିଛି । ଧାମରାଇ ମନ୍ଦିର, ଦପାନାହାକାଣି ମନ୍ଦିର, କାଉପୁରରେ ସୀତାକୁଣ୍ଡ, ମଠସାହିରେ ଦକ୍ଷିଣେଶ୍ୱର ମନ୍ଦିର, ବାସୁଦେବପୁର ଥାନା ଅନ୍ତର୍ଗତ ପଦ୍ମୁଆଁ ଗ୍ରାମରେ ଅଷ୍ଟଭୂଜା ଦୁର୍ଗାପୂଜା ପ୍ରଭୃତି ବ୍ୟତୀତ ଏଠାରେ ପ୍ରଚଳିତ ଦୀର୍ଘଦିନରୁ ଦୁର୍ଗାପୂଜା ଓ କାଳିପୂଜାର ପରମ୍ପରାରୁ ଭଦ୍ରକ ଯେ ଏକ ପ୍ରାଚୀନ ଶକ୍ତିପୀଠ –ଏ କଥାର ପ୍ରମାଣ ମିଳେ । କାଳିପୂଜା ପାଇଁ ତ ଭଦ୍ରକ ଓଡ଼ିଶା ପ୍ରସିଦ୍ଧ । କେବଳ ଶକ୍ତି ଉପାସନା ନୁହେଁ, ବିଭିନ୍ନ ଦେବାଦେବୀର ଉପାସନା ଏଠାରେ ଦେଖିବାକୁ ମିଳେ । ଚରମ୍ପାର ହନୁମାନ ସାହି, ଏରେଇଁ ଓ ସାହାପୁରଠାରେ ହନୁମାନ ମନ୍ଦିର, ବାସୁଦେବପୁରଠାରେ ପ୍ରସନ୍ନଦେବ ଜୀଉ ମନ୍ଦିର ଓ ରାଧାକୃଷ୍ଣ ମନ୍ଦିର ପରି ଗ୍ରାମାଞ୍ଚଳରେ ବହୁ ମନ୍ଦିର ଏ ଅଞ୍ଚଳ ଅଧିବାସୀଙ୍କର ଧର୍ମ ଭାବନାର ସୂଚନା ଦିଏ ।

ଜଗନ୍ନାଥ ସଂସ୍କୃତି ହିଁ ଓଡ଼ିଶାର ସଂସ୍କୃତି । ଉତ୍କଳ ମଧ୍ୟ ଏହି ସଂସ୍କୃତି ଓତଃପ୍ରୋତ ଭାବେ ଜଡ଼ିତ । ଏଠାରେ ପୁରପଲ୍ଲୀରେ ଜଗନ୍ନାଥଙ୍କର ପୂଜାର୍ଚ୍ଚନା ରୀତିନୀତି ସହକାରେ ପାଳିତ ହୋଇଥାଏ । ଦୀର୍ଘଦିନ ଧରି ସଦାବର୍ତ୍ତ ମଠରେ ଯେଉଁ ରୀତିନୀତି ପାଳନ କରାଯାଉଛି, ତାହା ଜଗନ୍ନାଥ ସଂସ୍କୃତିର ଅନୁବର୍ତ୍ତୀ । ବାସୁଦେବପୁର ଥାନା ଅନ୍ତର୍ଗତ କିସ୍ମତକୃଷ୍ଣପୁର ଓ ରାହାଞ୍ଜା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ସାତଦିନ ଧରି ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ରଙ୍କର ପୂଜାର୍ଚ୍ଚନା କରାଯାଏ । ଏହାକୁ ସପ୍ତା କୁହାଯାଏ । ନଳାଙ୍ଗଠାରେ ମଧ୍ୟ ଏହି ତ୍ରିମୂର୍ତ୍ତିଙ୍କର ପୂଜାର୍ଚ୍ଚନା କରାଯାଏ । ଭଦ୍ରକର ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ରଥଯାତ୍ରା ପାଳନ କରାଯାଉଛି । ସେଥିମଧ୍ୟରୁ ଆମ୍ବଗଡ଼ିଆ, ରାଣୀତାଳ, ଗରଦପୁର, ଚରମ୍ପାର ହନୁମାନ ହାଟ, ସାଳନ୍ଦୀ ବାଇପାସ ପ୍ରଭୃତି ଉଲ୍ଲେଖଯୋଗ୍ୟ । ଭଦ୍ରକର କୁଆଁସ ଗ୍ରାମରେ ପାଳନ କରାଯାଉଥିବା ଜଗନ୍ନାଥଙ୍କର ପୂଜାର୍ଚ୍ଚନା ସ୍ୱତନ୍ତ୍ର ବିଶେଷତା ବହନ କରେ । ପୁରୀରେ ଯେତେବେଳେ ବିଦେଶୀମାନଙ୍କୁ ମନ୍ଦିର ପ୍ରବେଶ ପାଇଁ ବାରଣ କରାଯାଇଥାଏ, ସେତେବେଳେ ଲସ୍ ଏଞ୍ଜେଲସର ଜୁଲିୟାନ ପାର୍କର ନାମକ ଜଣେ ବିଦେଶୀ ଏହି ମନ୍ଦିର ସ୍ଥାପନ କରି ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ଜୁଲିୟାନ ଆତ୍ମତତ୍ତ୍ୱ ଦାସ ଓ

ମାଳିନୀ ଦେବଦାସଙ୍କର ପାଳିତପୁତ୍ର ହୋଇଥିଲେ । ସେ ଭାରତକୁ ଆସି ଜାହ୍ନବୀ ନିତାଇ ଦାସ ନାମରେ ପରିଚିତ ହୋଇଥିଲେ । ଏକଦା ସେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସି ସେଠାକାର ପଣ୍ଡାମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ଏଠାରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିବାକୁ ସ୍ଥିର କରିଥିଲେ । ଏଠାରେ ୧୬ ଫୁଟ ଉଚ୍ଚର ଜଗନ୍ନାଥ, ୧୫ ଫୁଟ ଉଚ୍ଚର ବଳଭଦ୍ର ଓ ୭ ଫୁଟ ଉଚ୍ଚର ସୁଭଦ୍ରା ବିଗ୍ରହ ସମସ୍ତ ରୀତିନୀତି ସହକାରେ ୨୦୦୫ ମସିହା ମେ ୨୨ ତାରିଖଠାରୁ ପୂଜା ପାଇଆସୁଛନ୍ତି । ବର୍ତ୍ତମାନ ଓଡ଼ିଶାରେ ଭାଗବତ ଟୁଙ୍ଗୀ ପରମ୍ପରା ଲୋପ ପାଇ ଯାଉଥିବାବେଳେ ଏ ଜିଲ୍ଲାର କିସ୍ମତ କୃଷ୍ଣପୁରରେ ଏହି ପରମ୍ପରା ଏବେ ବି ଚାଲୁ ରହିଛି ।

ଭଦ୍ରକରେ ଗୋପାଳ ସଂପ୍ରଦାୟର ରାଧାକୃଷ୍ଣଙ୍କର ଉପାସନା ସହିତ ଲଉଡ଼ି ଖେଳ, କୁମ୍ଭପୂଜା ଓ ଗୋପାଳଙ୍କ ଓଗାଳ ଗାନ ପ୍ରଭୃତି ନିଆରା ପରମ୍ପରା ବହୁପ୍ରାଚୀନ କାଳରୁ ଚଳି ଆସୁଛି । ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଗୋପାଳଙ୍କ ଓଗାଳରେ ବହୁ ଆଧ୍ୟାତ୍ମିକ ପ୍ରଶ୍ନୋତ୍ତର ଖୁବ୍ ଚମତ୍କାର ଓ ଉପଭୋଗ୍ୟ ହୋଇଥାଏ । ଭଦ୍ରକ ଜିଲ୍ଲାର ସାବରଙ୍ଗ, ଚୁଡ଼ଙ୍ଗପୁରର ରଙ୍ଗଡ଼ାଉ, ବାସୁଦେବପୁର, କିସ୍ମତ କୃଷ୍ଣପୁର, ଧାମନଗରର ଅନେକ ଅଞ୍ଚଳରେ ଏହି ପରମ୍ପରାକୁ ବେଶ ଜାକଜମକରେ ପାଳନ କରାଯାଏ । ବାସୁଦେବପୁରର 'ଶ୍ରୀଗୋପାଳ ଓଗାଳ ଲଉଡ଼ି ସମିତି' ଓ 'ରାଧାମାଧବ ଯାଦବ ସମିତି' ଓଡ଼ିଶା ବାହାରେ ବିଭିନ୍ନ ସମୟରେ ଲଉଡ଼ି ଖେଳ ପ୍ରଦର୍ଶନ କରି ପ୍ରଶଂସାଭାଜନ ହୋଇପାରିଛି ।

ଭଦ୍ରକ ସହରାଞ୍ଚଳ କୁଆଁସ ନିକଟବର୍ତ୍ତୀ ବାଲିଅରଡ଼ା ଗ୍ରାମରେ ଶେଷ ରଜଦିନ ପାଳନ କରାଯାଉଥିବା 'ଭୂତକେଳି ନାଟ' ଅନ୍ୟ ଏକ ମୁଖ୍ୟ ସାଂସ୍କୃତିକ ପ୍ରବାହ । ପୁରାଣ କଥା ଅନୁଯାୟୀ ରାଧାକୃଷ୍ଣଙ୍କର ମିଳନରେ ବାଧା ସୃଷ୍ଟି କରୁଥିବା ରାଧାଙ୍କର ଶାଶୁ ଓ ନଣନ୍ଦଙ୍କୁ ଭୟଭୀତ କରାଇବା ପାଇଁ କୃଷ୍ଣ ମାୟାରେ ଭୂତ ସୃଷ୍ଟି କରିଥିଲେ । ସେହି ପରମ୍ପରାକୁ ଆଧାର କରି 'ଭୂତକେଳି ନାଟ' କରାଯାଇଥାଏ । ରାଧା, କୃଷ୍ଣ ଓ ଗୋପୀମାନଙ୍କର ମୂର୍ତ୍ତି ସହିତ ବିରାଟ ଶୋଭାଯାତ୍ରାରେ ଭୂତ ଚରିତ୍ରର ଅବତାରଣା ଏହି ନାଟର ମୁଖ୍ୟ ବିଭବ । ଜଣେ ଲୋକ ମୁଣ୍ଡରେ ଚିତ୍ରିତ ମାଟିହାଣ୍ଡିକୁ ମୁଣ୍ଡେଇ ଢୋଲ, ମହୁରୀର ତାଳେ ତାଳେ ଉଦ୍ଦଣ୍ଡ ନୃତ୍ୟ କରିଥାଏ । ଏହା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ । ଏପରି ନାଟକ ସମଗ୍ର ଓଡ଼ିଶାରେ ବିରଳ ।(୨୦) ପୂର୍ବୋକ୍ତ ବିରଞ୍ଚି ନାରାୟଣ ମନ୍ଦିରଠାରେ ଅଗ୍ନିପୂର୍ଣ୍ଣିମା ଦିନ ଆୟୋଜିତ ଗୁଣ୍ଡିଣିଯାତ୍ରା ମଧ୍ୟ ଏକ ସ୍ୱତନ୍ତ୍ର ମେଳା । ସାଧୁ, ସନ୍ଥମାନଙ୍କୁ ଏ ସଂସ୍କୃତି କିପରି ସମ୍ମାନ ଓ ମର୍ଯ୍ୟାଦା ଦିଆଯାଇଥାଏ, ତା'ର ଏକ ନିଦର୍ଶନ ହେଲା ମୁନିପୂଜା । ଭଦ୍ରକର ବିଭିନ୍ନ ଗ୍ରାମାଞ୍ଚଳରେ ଏ ମୁନିପୂଜା ଆୟୋଜିତ ହୋଇଥାଏ । ମକର ସଂକ୍ରାନ୍ତି ଏହି ପୂଜାର ନିର୍ଦ୍ଧାର୍ଯ୍ୟ ତିଥି । ଏରେଇଁ ଗ୍ରାମପଞ୍ଚାୟତର କୁନ୍ତଳାଠାରେ ଆୟୋଜିତ ଏହି ପୂଜା ସାତଦିନ ଧରି ମହାସମାରୋହରେ ପାଳିତ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମାରେ ଚାନ୍ଦବାଲି, ଚୂଡ଼ାମଣି ଓ ବାଉଦପୁରଠାରେ ଆୟୋଜିତ ବାଲିଯାତ୍ରା ସାଧବପୁଅର ସ୍ମୃତିଚିତ୍ରକୁ ଧରି ରଖିଛି । ବାଉଦପୁରଠାରେ ଏହି ଉତ୍ସବ ସାତଦିନ ଧରି ପାଳନ କରାଯାଏ । ଏହି ପୂର୍ଣ୍ଣିମାଠାରୁ ମଧ୍ୟ ସାହାଡ଼ାଗ୍ରାମରେ ସାତଦିନ ଧରି ଯେଉଁ ରାସଯାତ୍ରା ପାଳନ କରାଯାଏ, ତାହା ଖୁବ୍ ଲୋକପ୍ରିୟ । ରାସଲୀଳା, ନାବକେଳି ପ୍ରଭୃତି ଏହି ଯାତ୍ରାର ମୁଖ୍ୟ ବିଭବ ।

ଚଢ଼େୟା– ଚଢ଼େୟାଣୀ ନାଚ ଭଦ୍ରକର ଅନ୍ୟ ଏକ ଲୋକପ୍ରିୟ ଲୋକନାଟ । ଏଥିରେ ଗଦ୍ୟ-ପଦ୍ୟମୟ ସଂଳାପରେ ବିଭିନ୍ନ ହାସ୍ୟରସର ପରିବେଷଣ ସହିତ ଗ୍ରାମୀଣ ଚରିତ୍ର ଚିତ୍ରଣ ବେଶ ଉପଭୋଗ୍ୟ ହୋଇଥାଏ । ସେହିପରି ବିଭିନ୍ନ ପୌରାଣିକ ଚରିତ୍ରରେ ନିଜକୁ ବିଭୂଷିତ କରି ଗ୍ରାମରାସ୍ତାରେ କଳାକାରଙ୍କର ଏକ ପ୍ରକାର ଅଭିନୟ କରାଯାଇଥାଏ । ଏହାକୁ ବହୁରୂପା ନାଟ କୁହାଯାଏ । କଣ୍ଢେଇ ନାଟ ଭଦ୍ରକର ଆଉ ଏକ ଲୋକ ସଂସ୍କୃତିର ବାର୍ତ୍ତାବହ । କଣ୍ଢେଇରେ କଳା ସୂତା ଲଗାଇ ଆଙ୍ଗୁଳି ଚାଳନା ଦ୍ୱାରା ସେଗୁଡ଼ିକୁ ନଚେଇବାକୁ ହୋଇଥାଏ । ବୈଷ୍ଣବଧର୍ମୀ ବ୍ୟକ୍ତିମାନେ ମୃତ୍ୟୁର ଦ୍ୱାଦଶ ଦିନରେ ରାଧାକୃଷ୍ଣଙ୍କର ଲୀଳା ନାଟକ ପ୍ରଦର୍ଶନ କରାଇଥାନ୍ତି । ଏହାକୁ ଦଧିନାଟ କୁହାଯାଏ । ଘାଟ ପାର ହୋଇ ରାଧା ମଥୁରାକୁ ଯିବା, କୃଷ୍ଣ ଘାଟ ସଉଦା ମାଗିବା ଓ ପରିଶେଷରେ ରାଧାକୃଷ୍ଣଙ୍କର ମିଳନ ହେବା ପ୍ରଭୃତି ଏହି ନାଟର ମୁଖ୍ୟ ବିଷୟ । ଏହିପରି ବହୁ ଲୋକନାଟକ ଭଦ୍ରକରେ ଏବେ ବି ପ୍ରଚଳିତ ।

ତାମ୍ସା ହେଉଛି ଓଡ଼ିଶା ସଂସ୍କୃତିକୁ ଭଦ୍ରକର ଅନବଦ୍ୟ ଅବଦାନ । ଅମର କବି ବଂଶୀବଲ୍ଲଭ ଗୋସ୍ୱାମୀ ଏହି ତାମ୍ସାର ସ୍ରଷ୍ଟା । ସେ ମୋଗଲ ତାମ୍ସା, ଭୀଲତାମ୍ସା, ଫକିର ତାମ୍ସା, ଯୋଗୀ ତାମ୍ସା, ରାଧାକୃଷ୍ଣ ତାମ୍ସା, ଚଉଡ଼ା ତାମ୍ସା ଓ ଲୋଲିନ୍ ବାଇ ତାମ୍ସା ରଚନା କରିଥିଲେ ମଧ୍ୟ ମୋଗଲ ତାମ୍ସା ପାଇଁ ଓଡ଼ିଶା ପ୍ରସିଦ୍ଧ । ଚୈତ୍ର ମାସରେ ଶିବ ମନ୍ଦିରରେ ଏହି ତାମ୍ସା ଅଭିନୀତ ହେଉଥିବାରୁ ଏହାକୁ 'ଚଇତି ତାମ୍ସା' ମଧ୍ୟ କୁହାଯାଏ । ମୋଗଲ ତାମ୍ସାରେ ମୋଗଲମାନଙ୍କର ଶୋଷଣ, ଅତ୍ୟାଚାର ଓ ବିଳାସବ୍ୟସନର ଚିତ୍ର ପ୍ରତିଫଳିତ ହୋଇଛି । ଭୀଲତାମ୍ସାରେ

ଜଣେ ବ୍ରାହ୍ମଣ ତୀର୍ଥାଟନରେ ଯିବା ବାଟରେ ଜଣେ ଭୀଲ୍ (ବଣୁଆ ଲୋକ)କୁ ଭେଟିଛି । ସେ ବ୍ରାହ୍ମଣକୁ ଲୁଟ କରିବାକୁ ଚେଷ୍ଟା କରିଛି, କିନ୍ତୁ ପରବର୍ତ୍ତୀ ସମୟରେ ସେ ପୁଣ୍ୟାତ୍ମାରେ ପରିଣତ ହେବା ବିଷୟ ଖୁବ୍ ମନୋଜ୍ଞ ଭାବରେ ବର୍ଣ୍ଣନା କରାଯାଇଛି । ଫକୀର ତାମ୍‌ସାରେ ଜଣେ ମୁସଲମାନ ଫକୀର ବିଭିନ୍ନ ସ୍ଥାନରେ ଭ୍ରମଣ କରି କରି ଅଭିଜ୍ଞତା ଅର୍ଜନ କରି ଶେଷରେ ନିଜ ସ୍ତ୍ରୀ ସହିତ ମିଳିତ ହେବା କଥା ବର୍ଣ୍ଣନା କରାଯାଇଛି । ଯୋଗୀ ତାମ୍‌ସାରେ ଜଣେ ଯୋଗୀର ଅଭିଜ୍ଞତାକୁ ପ୍ରାଞ୍ଜଳ ଭାବରେ ଚିତ୍ରଣ କରାଯାଇଛି । ରାଧାକୃଷ୍ଣ ତାମ୍‌ସାରେ ମୁରଲୀ ହରଣ ଓ ବସ୍ତ୍ରହରଣ ପ୍ରଭୃତି ବର୍ଣ୍ଣନା କରାଯାଇଛି । ସେହିପରି ଚଉଡ଼ା ତାମ୍‌ସାରେ ମେହେନ୍ତରମାନଙ୍କର ନିଶାସେବନ ଓ ମେହେନ୍ତରାଣୀମାନଙ୍କ ସହିତ ମିଳିତ ହେବା ବିଷୟ ସ୍ଥାନିତ ହୋଇଛି । ଲୋଲନ ବାଇ ତାମ୍‌ସା ବା ଲୋଲିନ୍ ମଜାବାଇ ତାମ୍‌ସାରେ ଦୁଇଜଣ ଗଣିକାଙ୍କ ସହିତ ମୋଗଲମାନଙ୍କର ସଂପର୍କ ବିଷୟ କରାଯାଇଛି । ତାମ୍‌ସାଗୁଡ଼ିକ ମୋଗଲ ଶାସନ ସମୟରେ ହୋଇଥିବାରୁ ତତ୍କାଳ ଶାସନ ପଦ୍ଧତିର ଏହା ଏକ ଦର୍ପଣ ବୋଲି କୁହାଯାଇପାରେ ।

ଓଷା ବ୍ରତ ଆମ ଓଡ଼ିଆ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏ ଦୃଷ୍ଟିରୁ ଭଦ୍ରକ ମାଟି ମଧ୍ୟ ପୁଷ୍କଳ । ସୁଆଁ ଗ୍ରାମରେ କୋଇଲି ଓଷା ଏକ ଅଭିନବ ଓଷା । ଚୈତ୍ରମାସ ଶୁକ୍ଳପକ୍ଷରେ ସାତଦିନ ବ୍ୟାପୀ କୋଇଲିର ଦୁଇଟି ମାଟି ମୂର୍ତ୍ତିକୁ କୁମାରୀମାନେ ପୂଜା କରିଥାନ୍ତି । ମାର୍କଣ୍ଡ ଦାସଙ୍କ କେଶବ କୋଇଲି ମଧ୍ୟ ଗାନ କରିଥାନ୍ତି । ସୁଆଙ୍ଗ ବୁଡ଼ ନାମରେ ଏକ କୁମାରୀ ଓଷା ଭଦ୍ରକର ଦୋଳ ସାହି ନିକଟସ୍ଥ ଝାଡ଼ପଡ଼ା, କୁଆଁରପୁର, ମୁଡ଼ସାହି, ବଡ଼େଇବାଡ଼, ନୂଆଶାସନ, ଶଙ୍କରପୁର ଓ ଖଣ୍ଡପଡ଼ା ପ୍ରଭୃତି ଗ୍ରାମରେ ପାଳନ କରାଯାଇଥାଏ । ଆଶ୍ୱିନ ମାସ ଚତୁର୍ଥୀ ଓ ପଞ୍ଚମୀ ଦିନ ଏହି ଓଷା ପାଳନ କରାଯାଇଥାଏ । କୁମାରୀମାନେ ସାଙ୍ଗ ହୋଇ ବୁଡ଼ ପକାଇ ବାଲୁକା ସ୍ଥାପନ କରି ଗୌରା (ଗୌରୀ) ପୂଜା କରିଥାନ୍ତି ।(୨୧) ଅନ୍ୟାନ୍ୟ ଅଞ୍ଚଳ ପରି ଭଦ୍ରକରେ ଖୁଦୁରୁକୁଣୀ ଓଷା, ଜହ୍ନି ଓଷା, ଅକ୍ଷୟ ତୃତୀୟା, ସାବିତ୍ରୀ ଅମାବାସ୍ୟା, ବାଟଓଷା ପ୍ରଭୃତି ଯଥାରୀତି ପାଳନ କରାଯାଇଥାଏ । ଭଦ୍ରକ ଥାନା ଅନ୍ତର୍ଗତ ରାହାଞ୍ଚ ଗ୍ରାମ ପଞ୍ଚାୟତ, ଜଗଦଳପୁର ପଞ୍ଚାୟତ, ଚଣ୍ଡିଗାଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦ୍ୱିତୀୟା ଓଷା ବା ଦୂତୀବାହନ ଓଷା ବହୁ ଆଡ଼ମ୍ବରରେ ପାଳନ କରାଯାଇଥାଏ । ନିଜ ସନ୍ତାନମାନଙ୍କର ଦୀର୍ଘଜୀବନ କାମନା କରି ମହିଳାମାନେ ଉପବାସ କରି ଭାଦ୍ରବ ମାସ ମୂଳାଷ୍ଟମୀରେ ପୋଖରୀ ତୁଠରେ ବାଲିରେ କୁମ୍ଭୀର କରି ପୂଜାର୍ଚ୍ଚନା କରିଥାନ୍ତି । ଚାନ୍ଦବାଲି ଥାନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ଚୈତ୍ରପୂର୍ଣ୍ଣିମା ଦିନ ପାଟଣା ମଙ୍ଗଳାଙ୍କ ନିକଟରେ ପାଟୁଆ ନାଚ, ଘୋଡ଼ାନାଚ ପ୍ରଭୃତି ମହା ଆଡ଼ମ୍ବରରେ ପାଳନ କରାଯାଇଥାଏ । ଏଠାରେ ରାମ, ସୀତା ଓ ଲକ୍ଷ୍ମଣଙ୍କୁ ନୌକାରେ ଉପବେଶନ କରାଇ ଯେଉଁ ନାବପୂଜା କରାଯାଏ ତାହା ଅନନ୍ୟ । ଭଦ୍ରକର ପ୍ରାୟ ସବୁ ଗାଁରେ ଘୋଡ଼ାନାଚ, ପାଟୁଆ ନାଚ, ଉଡ଼ାଣ ପର୍ବ (ଏହି ପର୍ବରେ ଭକ୍ତମାନେ ନିଜ ଦେହରେ କଣ୍ଟା ଫୋଡ଼ି ଝୁଲିଥାନ୍ତି) ପ୍ରଭୃତି ପାଳନ କରାଯାଏ ।

ପାଲା ଓ ଦାସକାଠିଆ ଲୋକ କଳାର ଚଳନ୍ତି ପ୍ରତିନିଧି । ବିଭିନ୍ନ ପୌରାଣିକ ଆଖ୍ୟାନକୁ ଆଧାର କରି ସମସ୍ତଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବା ସହିତ ନୀତିନିଷ୍ଠ କରାଇବା ଏହି ସଂସ୍କୃତିର ମୂଳ ଲକ୍ଷ୍ୟ । ଭଦ୍ରକରେ ଏ ସଂସ୍କୃତି ବିଶେଷ ଭାବରେ ଆଦୃତ । ଏଠାରେ ପରିଲକ୍ଷିତ ହେଉଥିବା ସତ୍ୟପୀର ପାଲା ଏକ ଅନନ୍ୟ ସଂସ୍କୃତି । ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ପାଲାର ସମ୍ଭବତଃ ମୂଳ ଲକ୍ଷ୍ୟ । ଓଡ଼ିଶାରେ ଅନ୍ୟ କେଉଁଠି ଏପରି ପାଲା ପ୍ରାୟ ଦେଖାଯାଏ ନାହିଁ । ଏହି ପାଲାର ମୁଖ୍ୟ ଦିଗଟି ହେଲା ଗାୟକ ଜଣେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ହୋଇ ହିନ୍ଦୁଙ୍କର ପରମ୍ପରାକୁ ଆଧାର କରି ପଞ୍ଚଦେବତା ଓ ଅନ୍ୟ ଦେବାଦେବୀଙ୍କ ବନ୍ଦନା ଗାନ କରିଥାଏ, ନୈବେଦ୍ୟ ଅର୍ପଣ କରିଥାଏ ଏବଂ କଳସ ଓ ଚାମର ସ୍ଥାପନ କରିଥାଏ ।(୨୨) ଭଦ୍ରକର ବହୁ ପ୍ରବୀଣ ପାଲାଗାୟକ ଏ ସଂସ୍କୃତି ଉଜ୍ଜୀବିତ କରି ରଖିଛନ୍ତି । ସେମାନଙ୍କ ମଧ୍ୟରୁ କଳାକାର ଉପାଧି ପ୍ରାପ୍ତ ଭଣ୍ଡାରୀପୋଖରୀର ପାଲାଗାୟକ ଅନିରୁଦ୍ଧ ପାଣିଗ୍ରାହୀ, ଧୁଷୁରୀର ଗାୟକ ଭୂଷଣ କରୁଣାସିନ୍ଧୁ ନାୟକ ଓଡ଼ିଶା ବାହାରେ ପାଲା ପରିବେଷଣ କରି ଏ ମାଟିକୁ ଯଶ ମଣ୍ଡିତ କରିଛନ୍ତି ।(୨୩) ସେହିପରି ପଦ୍ମପୁରର ଅନ୍ଧ ଗାୟକ ଅମର କୁମାର ନାୟକ ପାଲା କ୍ଷେତ୍ରରେ ନିଜର ଅପୂର୍ବ ଧୀଶକ୍ତିର ପରିଚୟ ଦେଇପାରିଛନ୍ତି । ଏମାନଙ୍କ ବ୍ୟତୀତ ଗୋପବନ୍ଧୁ ଦାସ (ରାହାଞ୍ଚ), ଦୁଃଶାସନ ବାରିକ (ଚରମ୍ପା), ଧ୍ରୁବଚରଣ ସେନାପତି (ମଞ୍ଜୁରୀ ରୋଡ଼) ପ୍ରମୁଖ ବହୁ ପାଲାଗାୟକ ଏ ସଂସ୍କୃତିକୁ ଏ ଯାବତ୍ ବଞ୍ଚାଇ ରଖି ଆସିଛନ୍ତି । ଦାସକାଠିଆ କଳାକୁ ଜୀବନ୍ତ ରଖିବା ଦିଗରେ ଉଦ୍ୟମ କରି ଆସିଥିବା ଗାୟକଙ୍କ ସଂଖ୍ୟା ଭଦ୍ରକରେ ଖୁବ୍ କମ୍ । ଏମାନଙ୍କ ମଧ୍ୟରୁ ରାଣୀତାଳର ରବୀନ୍ଦ୍ର ବାରିକ ଓ କୁରୁଆ ଗ୍ରାମର ଭାଗିରଥୀ ବାରିକଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଝୋଟି, ଚିତା, ମୁରୁଜ ପରି ବିଭିନ୍ନ ଲୋକକଳାରେ ଭଦ୍ରକର ଲଳନାଗଣ ବେଶ୍ ଦକ୍ଷ । ସେତେବେଳେ ଶିକ୍ଷିତା,

ଅଶିକ୍ଷିତା ଲଳନାଙ୍କ କରସ୍ପର୍ଶରେ ଅରୁଆ ଚାଉଳରୁ ପ୍ରସ୍ତୁତ ଆଣ ଓ ରଙ୍ଗଗୁଣ୍ଡ ସହାୟତାରେ ଝୋଟି, ଚିତା, ମୁରୁଜଗୁଡ଼ିକ ଜୀବନ୍ତ ହୋଇଉଠେ, ସେତେବେଳେ କଳାର କ୍ଷେତ୍ର ଉତ୍କଳର ନାମକରଣ କେତେଦୂର ଯଥାର୍ଥ ତାହା ସ୍ୱତଃ ବାରି ହୋଇପଡ଼େ । ଏବେ ବିଭିନ୍ନ ଅନୁଷ୍ଠାନ ବିଭିନ୍ନ ପ୍ରତିଯୋଗିତା କରି ଏ କଳାର ଉତ୍ତରୋତ୍ତର ଉନ୍ନତି ପଥରେ ସହାୟକ ହେଉଛନ୍ତି । ଏହା ଏକ ଶୁଭ ସୂଚନା ।

ବିଭିନ୍ନ କଳାକ୍ଷେତ୍ରରେ ଭଦ୍ରକବାସୀଙ୍କର ସହଯୋଗ ଅନନ୍ୟ । କାଳେ କାଳେ ଏ ଅଞ୍ଚଳ ସଂସ୍କୃତିକୁ ବିଭିନ୍ନ ଦିଗରୁ ସମୃଦ୍ଧ କରି ଆସିଛି । ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର 'ସୀତାବିବାହ' (୧୯୩୪-୩୬)ର ପ୍ରଯୋଜନା କରିଛନ୍ତି ଭଦ୍ରକର ଅଧିବାସୀ ମୋହନସୁନ୍ଦର ଗୋସ୍ୱାମୀ । ଏକକ ଅଭିନୟ ପ୍ରଦର୍ଶନ କରି ଭଦ୍ରକର ଉଦୟନାଥ ସାହୁ ଓଡ଼ିଶା ପ୍ରସିଦ୍ଧି ଲାଭ କରିଛନ୍ତି । ସଙ୍ଗୀତ କ୍ଷେତ୍ରରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି ଭଦ୍ରକର ସୁଭାଷ ଦାଶ । ସେହିପରି ସୁବାସ ରାମ ସଙ୍ଗୀତକାର ଓ ପଞ୍ଚାନନ ନାୟକ ଆଧୁନିକ ଗୀତିକାର ଭାବରେ ବର୍ତ୍ତମାନ ଓଡ଼ିଶାରେ ପରିଚିତ । ମନମୋହନ ସାବତ, ଜଗବନ୍ଧୁ ସାହୁ, ମୁରଲୀଧର ଗିରି, ବନମାଳୀ ସେଠୀ, ପ୍ରଫୁଲ୍ଲ ନାୟକ, ରୁଦ୍ରମାଧବ ବାରିକ ପ୍ରମୁଖ ବହୁ ସଂଗୀତ ସାଧକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ନିରଞ୍ଜନ ନାୟକ (ନୃତ୍ୟ), ରାମହରି ମହାନ୍ତି (ସିତାର), ନାରାୟଣ ଚନ୍ଦ୍ର ସାହୁ (ତବଲା), ହରିବନ୍ଧୁ ସାହୁ (ବେହେରା) ପ୍ରମୁଖଙ୍କ ନାମ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ । ସେହିପରି ବେତାର ଗୀତିକାର ଭାବରେ ନରସିଂହ ମହାପାତ୍ର, ଭଗବାନ ନାୟକ ବର୍ମା, ଡ. କୀର୍ତ୍ତନ ନାରାୟଣ ପାଢ଼ୀ, ଡ. ଖଗେନ୍ଦ୍ରନାଥ ମଲ୍ଲିକ, ଅପୂର୍ବ ରଞ୍ଜନ ରାୟ, ଇଂ ଅରୁଣ କୁମାର ପାତ୍ର, ନିର୍ମଳ ରାଉତ, ପିତାମ୍ବର ମିଶ୍ର, ଇଂ ଅଭୟ ସୂତାର ପ୍ରମୁଖ ସୁନାମ ଆଣିଛନ୍ତି । ସେହିପରି ଚିତ୍ରକଳାରେ ଧର୍ମପଦ ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ ରବିନାରାୟଣ ନାୟକ, ନିଜାମ, କଳାଶିକ୍ଷକ ଅଶୋକ କୁମାର ମହାନ୍ତି, ସୁଶାନ୍ତ କୁମାର ନାୟକ ଓ ଚୂଡ଼ାମଣିଙ୍କ ନାମ ଉଲ୍ଲେଖଯୋଗ୍ୟ । ଦିଲୀପ ଖୁଣ୍ଟିଆ ଜଣେ କାର୍ଟୁନିଷ୍ଟ ଭାବରେ ଓଡ଼ିଶାରେ ବେଶ ପରିଚିତ । ବର୍ତ୍ତମାନ ବହୁ ଚିତ୍ରଶିଳ୍ପୀ ଏହି କଳାକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।

ସାହିତ୍ୟ ସଂସ୍କୃତିର ଗୋଟିଏ ମୁଖ୍ୟ ବିଭବ । ଗୋଟିଏ ଜାତିର ସଂସ୍କୃତିକୁ କାଳ କାଳ ବଞ୍ଚାଇ ରଖିବାରେ ଏହା ସହାୟକ ହୋଇଥାଏ । ଭଦ୍ରକର ସାହିତ୍ୟର ମାର୍ଗ ଖୁବ୍ ପ୍ରଶସ୍ତ । ଗୋଟିଏ ନାଟକରେ ହିନ୍ଦୀ, ଉର୍ଦ୍ଦୁ ଓ ବଙ୍ଗଳା ଭାଷା ପ୍ରୟୋଗ କରି ସମଗ୍ର ଭାରତରେ ଅଦ୍ୱିତୀୟ କବି ଭାବରେ ପରିଚିତ ବଂଶୀବଲ୍ଲଭ ଗୋସ୍ୱାମୀଙ୍କଠାରୁ ଏ ଯାବତ୍ ବହୁ ସାହିତ୍ୟିକ ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ସେମାନଙ୍କ ମଧ୍ୟରୁ କବିଶେଖର ଚିନ୍ତାମଣି ମହାନ୍ତି, ଚାରଣ କବି ବାଞ୍ଛାନିଧି ମହାନ୍ତି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ନିତ୍ୟାନନ୍ଦ ମହାପାତ୍ର, ଗୌରଚନ୍ଦ୍ର ମହାପାତ୍ର, ହରେକୃଷ୍ଣ ମହତାବ, ପୋଥି ବିଶାରଦ ନୀଳମଣି ମିଶ୍ର, କୃଷ୍ଣଚରଣ ବେହେରା ପ୍ରମୁଖଙ୍କ ନାମ ଉଲ୍ଲେଖନୀୟ । ବର୍ତ୍ତମାନ ବହୁ ସାହିତ୍ୟ ସାଧକ ଲେଖନୀ ଚାଳନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରି ଆସୁଛନ୍ତି । ଏ କ୍ଷୁଦ୍ର ପ୍ରବନ୍ଧରେ ସେମାନଙ୍କ ନାମ ସ୍ଥାନିତ କରିବା ସମ୍ଭବ ନୁହେଁ । କିନ୍ତୁ ଉର୍ଦ୍ଦୁ ସାହିତ୍ୟରେ ସଂସ୍କାରବାଦୀ ତଥା ଈଶ୍ୱର ବିଶ୍ୱାସୀ ଉର୍ଦ୍ଦୁ କବି ହାଜିମୌଲା ବଖସ୍ (ଖ୍ରୀ:୧୮୫୮)ଙ୍କ ନାମ ବିସ୍ମରଣ କରି ହେବ ନାହିଁ ।

ଧର୍ମ-ବର୍ଣ୍ଣ-ନିର୍ବିଶେଷରେ ଈଶ୍ୱର ସମସ୍ତଙ୍କଠାରୁ ପ୍ରେମକାମନା କରିଥାନ୍ତି ବୋଲି ସେ ଲେଖିଛନ୍ତି - 'ଖୁଦା କା ଇଶ୍କ ହେ ଇଶ କେ ରସୁଲିଲ୍ଲା ହାଃ କହତେ ହେ ୟେ ୱହ ମଞ୍ଜିଲ ହେ ସବ୍ କିସ୍‌କୁ ଫନାଫିଲ୍ଲା କହତେ ହେଁ ।' ସେ ଉର୍ଦ୍ଦୁ ଅକ୍ଷରରେ ପୁସ୍ତକ ପ୍ରକାଶନ ପାଇଁ ପ୍ରଥମେ ଛାପାଖାନା ସ୍ଥାପନ କରିଥିଲେ । ବର୍ତ୍ତମାନ ଭଦ୍ରକରେ ଉର୍ଦ୍ଦୁ ସାହିତ୍ୟ ରଚନା ପାଇଁ ପ୍ରୟାସ ଜାରି ରଖିଛନ୍ତି । ସେହିପରି ନାଟକ ଓ ଅଭିନୟ କ୍ଷେତ୍ରରେ ଭଦ୍ରକର ବହୁ କୃତୀ ସନ୍ତାନ ସ୍ୱନାମ ଧନ୍ୟ କରିଛନ୍ତି । ସେମାନଙ୍କ ମଧ୍ୟରେ ଶ୍ୟାମସୁନ୍ଦର ମହାପାତ୍ର, ଗଣକବି ଜଗନ୍ନାଥ ପାଣି, ପଲ୍ଲୀକବି କୃଷ୍ଣ ପ୍ରସାଦ ବେହେରା, ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା, ନାଟ୍ୟଭୂଷଣ ଉମାକାନ୍ତ ବେହେରା, ନବ କିଶୋର ବେହେରା, ସୁଧାଂଶୁ ଶେଖର ନାୟକଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଶିକ୍ଷା ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ ବିଭବ । ଶିକ୍ଷାର ସୁଗନ୍ଧ ସଂସ୍କୃତିରେ ହିଁ ପ୍ରକାଶିତ ହୋଇଥାଏ । ଏଠାରେ ଶିକ୍ଷାର ବିକାଶ ଉଲ୍ଲେଖନୀୟ । ପ୍ରାଚୀନ ଚାଟଶାଳୀ ଶିକ୍ଷାର ଧାରା ପରେ ୧୮୮୨ ମସିହାରେ ହିଁ ବିଦ୍ୟାଳୟ ଶିକ୍ଷାର ଭିତ୍ତି ପଡ଼ିଥିଲା ବୋଲି କୁହାଯାଏ। ଏହି ମସିହାରେ କୋଠାର ଜମିଦାର ନିମାଇଁ ଚରଣ ବୋଷ ବାଗୁରାଇଠାରେ ଦୁଇଟି ଭର୍ଣ୍ଣାକୁଲାର ଓ କିଛି ଶିକ୍ଷାନୁରାଗୀ ବ୍ୟକ୍ତିବିଶେଷ ଗୁଜିଦରଡ଼ାଠାରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ । ମୁସଲମାନ ଜମିଦାର ମିଆଁ ମୁନ୍‌ସୀ ଶେଖ୍ ଅବଦୁଲ ଗନୀ ଓରଫ ପଞ୍ଚୁମିଆଁଙ୍କ ତତ୍ତ୍ୱାବଧାନରେ ପୁରୁଣାବଜାରସ୍ଥିତ ନିଜ ଉଆସରେ ଏକ ମାଇନର ସ୍କୁଲ ସ୍ଥାପନ କରିଥିଲେ । ପରବର୍ତ୍ତୀ ସମୟରେ ତାହା ଭଦ୍ରକ ଜିଲ୍ଲା ସ୍କୁଲରେ ପରିଣତ ହୋଇଛି । ୧୯୩୪ ମସିହା ବେଳକୁ ହରେକୃଷ୍ଣ

ମହତାବଙ୍କ ତତ୍ତ୍ୱାବଧାନରେ ଆଗରପଡ଼ାଠାରେ କୃଷ୍ଣଚରଣ ବିଦ୍ୟାମନ୍ଦିର ସ୍ଥାପିତ ହୋଇଥିଲା । ୧୯୪୨ ଖ୍ରୀଷ୍ଟାବ୍ଦରେ ନାରାୟଣ ଚନ୍ଦ୍ର ହାଇସ୍କୁଲ, ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ, ୧୯୪୩ ଖ୍ରୀଷ୍ଟାବ୍ଦରେ ପୋପ୍‌ସିଂ ମାଇନର ସ୍କୁଲ ଯାହା ୧୯୫୯ରେ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ମାନ୍ୟତା ଲାଭ କଲା ।(୨୪) ୧୯୪୮ ଖ୍ରୀଷ୍ଟାବ୍ଦ ଜୁଲାଇ ୬ ତାରିଖରେ ଭଦ୍ରକରେ ପ୍ରଥମ ଓ ଓଡ଼ିଶାରେ ଦ୍ୱିତୀୟ ବୃହତ୍ତମ ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏହି ମହାବିଦ୍ୟାଳୟ ଭଦ୍ରକର ସାଂସ୍କୃତିକ ଜାଗରଣରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି । ବର୍ତ୍ତମାନ ସୁଦ୍ଧା ଭଦ୍ରକରେ ୯୧୬ଟି ପ୍ରାଥମିକ ବିଦ୍ୟାଳୟ, ୫୦୫ଟି ଏମ୍.ଇ. ବିଦ୍ୟାଳୟ, ୩୦୫ଟି ଉଚ୍ଚବିଦ୍ୟାଳୟ ଓ ୭ଟି ମହିଳା ମହାବିଦ୍ୟାଳୟ ସରକାରୀ ସ୍ୱୀକୃତି ଲାଭ କରିଛନ୍ତି ।(୨୫) ଏହାବ୍ୟତୀତ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ, ସଂସ୍କୃତ ଟୋଲ ଓ ସଂସ୍କୃତ ମହାବିଦ୍ୟାଳୟ ସରକାରୀ ସ୍ୱୀକୃତି ଅପେକ୍ଷାରେ ରହିଛନ୍ତି ।

ସ୍ୱାଧୀନତା ଗୋଟିଏ ଜାତି ପାଇଁ ଏକ ସାଂସ୍କୃତିକ ଆବଶ୍ୟକତା । ସ୍ୱାଧୀନତା ବିନା କୌଣସି ଜାତିର ସଂସ୍କୃତିର ବିକାଶ ସମ୍ଭବ ନୁହେଁ । ତେଣୁ ସ୍ୱାଧୀନତା ହିଁ ସଂସ୍କୃତିର ଗୋଟିଏ ମୁଖ୍ୟ ବିଭବ । ଜାତୀୟ ଆନ୍ଦୋଳନରେ ଭଦ୍ରକ ମୁଖ୍ୟ ପୁରୋଧା ସାଜି ଆସିଛି । ଭଦ୍ରକର ଇରମ ଜାଲିୱାନାବାଗର ସ୍ମୃତିଚାରଣ କରେ । ଲୁଣିଆଠାରେ ସ୍ୱାଧୀନତା ସଂଗ୍ରାମ ମଧ୍ୟ ଅବିସ୍ମରଣୀୟ । ହରେକୃଷ୍ଣ ମହତାବ, ମହମ୍ମଦ ହନିଫ୍, ନୀଳମଣି ରାଉତରାୟ, ଗୋକୁଳାନନ୍ଦ ମହାନ୍ତି, ଚକ୍ରଧର ବେହେରା, ଭାଗବତ ସାହୁ, ମୁରଲୀଧର ଜେନା, ରାମଚନ୍ଦ୍ର ବେହୁରା, ହୃଦାନନ୍ଦ ମଲ୍ଲିକ, କମଳାକାନ୍ତ କର, ଗୌରଚନ୍ଦ୍ର ମହାପାତ୍ର, ଗୌରାଙ୍ଗ ଚରଣ ମହାନ୍ତିଙ୍କ ପରି ବହୁ ଦେଶପ୍ରେମୀ ନେତା ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଦେଶର ହୃତ ସ୍ୱାଧୀନତା ଫେରାଇ ଆଣିଛନ୍ତି ।

ରାଜନୀତି ହେଉଛି ସଂସ୍କୃତିର ସଂରକ୍ଷକ । ଏହି ରାଜନୀତି କ୍ଷେତ୍ରରେ ଭଦ୍ରକ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରି ଆସିଛି । ମୌଲବୀ ଅବଦୁସ୍ ଶୋଭନ୍ ଖାଁ ଭଦ୍ରକରୁ ପ୍ରଥମ ମନ୍ତ୍ରୀ ଯିଏ କି ଏକ ସମୟରେ ରାଜସ୍ୱ, ସ୍ୱାସ୍ଥ୍ୟ, ଆଇନ ଓ ବାଣିଜ୍ୟ ବିଭାଗ ପାଇଥିଲେ । ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଥିଲେ ଭଦ୍ରକରୁ ଡକ୍ଟର ହରେକୃଷ୍ଣ ମହତାବ । ନୀଳମଣି ରାଉତରାୟ ଓ ନବକୃଷ୍ଣ ଚୌଧୁରୀ ମଧ୍ୟ ଭଦ୍ରକରୁ ପ୍ରତିନିଧିତ୍ୱ କରି ମୁଖ୍ୟମନ୍ତ୍ରୀ ପଦକୁ ମଣ୍ଡନ କରିଥିଲେ । ଜାତୀୟ ରାଜନୀତିରେ ଅଂଶ ଗ୍ରହଣ କରିବାରେ ଭାଗବତ ସାହୁ ଭଦ୍ରକର ପ୍ରଥମ ନେତା ଥିଲେ । ଏହି ଭଦ୍ରକରୁ ବହୁ ନେତା ଜାତୀୟ ଓ ରାଜ୍ୟ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରି ମନ୍ତ୍ରୀପଦ ଅଳଙ୍କୃତ କରିଥିବାରୁ ଏହାକୁ ମନ୍ତ୍ରୀ ପ୍ରସବିନୀ ଭଦ୍ରକ ମାଟି ବୋଲି କୁହାଯାଇଥାଏ ।

ଭଦ୍ରକର ବହୁ ଆଶ୍ରମ ମୁଣ୍ଡ ଟେକି ଉଠିଛି । ଏଗୁଡ଼ିକ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ଓଡ଼ିଶାର ସଂସ୍କୃତିକୁ ଉଜ୍ଜୀବିତ କରିବା ଦିଗରେ ସହାୟକ ହୋଇଛି । ହରେକୃଷ୍ଣ ମହତାବ ୧୯୩୧ ମସିହାରେ ଆଗରପଡ଼ାଠାରେ ଆରମ୍ଭ କରିଥିବା ଗାନ୍ଧୀ କର୍ମମନ୍ଦିର, ଗୁଜରାଟର ବିଶିଷ୍ଟ ଗାନ୍ଧିବାଦୀ ଜୀବରାମ କଲ୍ୟାଣଜୀ କୋଠାରୀଙ୍କ ଦାନରେ ଗରଦପୁରଠାରେ ଗଢ଼ି ଉଠିଥିବା ଗାନ୍ଧୀ ବାଳାଶ୍ରମ ଓ ଭଣ୍ଡାରୀପୋଖରୀଠାରେ ଗଠିତ କୁମ୍ଭାରିଆ ଆଶ୍ରମ ପ୍ରଭୃତି ଏ ଦିଗରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି । ସାହିତ୍ୟ, ସଂସ୍କୃତି ଓ କଳାର ବିକାଶ ପାଇଁ ଭଦ୍ରକରେ ବର୍ତ୍ତମାନ ବହୁ ଅନୁଷ୍ଠାନ ମୁଣ୍ଡଟେକି ଉଠିଛି । ଚାନ୍ଦବାଲିଠାରେ ଗଠିତ ପୂଜ୍ୟପୂଜା ସଂସଦ, ଭଦ୍ରକ ପୂଜ୍ୟପୂଜା ସଂସଦ, ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ, ରାମେଶ୍ୱର ସାହିତ୍ୟ ସଂସଦ, ରାନ୍ଦିଆ, ଚରମ୍ପା ସାହିତ୍ୟ ସଂସ୍କୃତି ମଞ୍ଚ, ରାଣୀତାଲ ସାହିତ୍ୟ ସଂସ୍କୃତି ପରିଷଦ, ଚିନ୍ତା ଓ ଚେତନା, ଶାରଦା ବିହାର ଟ୍ରଷ୍ଟ, ଭଦ୍ରକ ଲେଖକ ସାମ୍ମୁଖ୍ୟ, ଭଦ୍ରକ ଗବେଷଣା ପରିଷଦ ପରି ବହୁ ଅନୁଷ୍ଠାନ ଏବେ ଏ ଦିଗରେ କାର୍ଯ୍ୟ କରି ଆସୁଛନ୍ତି ।

ଭଦ୍ରକ ଐତିହାସିକ ଓ ଭୌଗୋଳିକ ଦୃଷ୍ଟିରୁ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଆସିଛି । ଯୁଗ ଯୁଗ ଧରି ଏ ଅଞ୍ଚଳ ଓଡ଼ିଶାର ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ସହିତ ଏଥିରେ ନିଜସ୍ୱ ସଂସ୍କୃତିକୁ ସମ୍ମିଳିତ କରାଇ ବିଭିନ୍ନ ଦିଗରୁ ପରିପୁଷ୍ଟ କରିଛି । ତେଣୁ ଭଦ୍ରକକୁ ବାଦ୍ ଦେଇ ଓଡ଼ିଶାର ଏକ ପୂର୍ଣ୍ଣାଙ୍ଗ ସଂସ୍କୃତି ଅଛି ବୋଲି କୁହାଯାଇନପାରେ ।

**ପଦଟୀକା**


୧. ଡଃ କ୍ଷୀରୋଦ କୁମାର ସାମଲ, ସଂସ୍କୃତିର ରୂପରେଖ, ସ୍ମରଣିକା (ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀ ବାର୍ଷିକ ସମ୍ମେଳନ), ପୃ.୮

୨. ପଣ୍ଡିତ କୃଷ୍ଣଚନ୍ଦ୍ର କର, ତରୁଣ ଶବ୍ଦକୋଷ, ପୃ.୪୧୫

୩. Tylor, E.B., Primitive Culture, p.1

୪. Lapiere, Sociology, p.68

୫. J. Nehru, What is Culture, Our Heritage, p.51

୬. D.K. Ganguly, Historical Geography and Dynastic History of Orissa, p.54

୭. ଡ. ଜଗନ୍ନାଥ ପଟ୍ଟନାୟକ, ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ (ପୂର୍ବାଭାସ), ପୃ.xi, xii

୮. ଡ. କୁଞ୍ଜବିହାରୀ ତ୍ରିପାଠୀ, ଓଡ଼ିଆ ଭାଷାତତ୍ତ୍ୱ ଓ ଲିପିର ବିକାଶ, ଓଡ଼ିଆ ଲିପିତତ୍ତ୍ୱ, ପୃ.୧୧୩

୯. K.S. Behera, Art and Architecture of Orissa, Utkalika, p.28

୧୦. ତତ୍ରୈବ

୧୧. ଡ. ମନୀନ୍ଦ୍ର ମହାନ୍ତି, ଲକ୍ଷ୍ମୀପାଦ ଝୁଣ୍ଟି–ଆମ ସଂସ୍କୃତି, ଆମ ଗାଁ ଚଳଣି, ପୃ.୯

୧୨. Trilochan Mohanty, Orissa Round up, p.25

୧୩. ରାମନାରାୟଣ ରାୟ, ମା' ଭଦ୍ରକାଳୀ, ପୃ.୭୩

୧୪. ଡକ୍ଟର ଦ୍ୱିଜେନ୍ଦ୍ର କୁମାର ବେହେରା, 'ଯୁଗେ ଯୁଗେ ଭଦ୍ରକ', ସ୍ମରଣିକା (ଭଦ୍ରକ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ), ପୃ.୭୧

୧୫. ପଣ୍ଡିତ ନୀଳମଣି ମିଶ୍ର, 'ଅଜ୍ଞାତ ଅଧ୍ୟାୟର ବୈଜ୍ଞାନିକ ବିଶ୍ଳେଷଣ : ଜୈନ ଓ ବୌଦ୍ଧ ପୀଠ', ସାଳନ୍ଦୀ ତୀରର କୃତି ଓ ସ୍ୱୀକୃତି, ପୃ.୧୬

୧୬. ତତ୍ରୈବ, ପୃ.୩୮

୧୭. ଡକ୍ଟର ଦ୍ୱିଜେନ୍ଦ୍ର କୁମାର ବେହେରା, 'ଯୁଗେ ଯୁଗେ ଭଦ୍ରକ', ସ୍ମରଣିକା (ଭଦ୍ରକ ମହାବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ), ପୃ.୭

୧୮. ତତ୍ରୈବ

୧୯. ପଣ୍ଡିତ ନୀଳମଣି ମିଶ୍ର, 'ଅଜ୍ଞାତ ଅଧ୍ୟାୟର ବୈଜ୍ଞାନିକ ବିଶ୍ଳେଷଣ : ଜୈନ ଓ ବୌଦ୍ଧ ପୀଠ', ସାଳନ୍ଦୀ ତୀରର କୃତି ଓ ସ୍ୱୀକୃତି, ପୃ.୧୯

୨୦. ଡ. ମନୀନ୍ଦ୍ର ମହାନ୍ତି, ସଂସ୍କୃତିର ନାନ୍ଦୀମୁଖ : ଲୋକ ସଂସ୍କୃତି, ସାଳନ୍ଦୀ ତୀରର କୃତି ଓ ସ୍ୱୀକୃତି, ପୃ.୮୩

୨୧. ତତ୍ରୈବ, ପୃ.୮୫-୮୬

୨୨. ସୁବାସ ଚନ୍ଦ୍ର ମଲ୍ଲିକ, ଭଦ୍ରକର ନିଆରା ସଂସ୍କୃତି–ସତ୍ୟପୀର ପାଲା, ପ୍ରଜ୍ଞାପାଦପ (ଭଦ୍ରକ ଜିଲ୍ଲା ସ୍କୁଲ–୧୨୫ତମ ଜୟନ୍ତୀ ମୁଖପତ୍ର), ପୃ.୧୦

୨୩. କରୁଣାକର ବେହୁରିଆ, ଭଦ୍ରକର ପାଲା ସଂସ୍କୃତି, ସ୍ମରଣିକା (ସାଳନ୍ଦୀ ମହୋତ୍ସବ), ପୃ.୨୪-୨୫

୨୪. ସଦାଶିବ ନାୟକ, ଭଦ୍ରକ ଶିକ୍ଷାନୁଷ୍ଠାନର ଇତିବୃତ୍ତ, ବାସ୍ତବ ସମ୍ଭବ, ପୃ.୧୦

୨୫. District Statistical hand Book, Bhadrak, 2005, p.47-53


**ସହାୟକ ଗ୍ରନ୍ଥସୂଚୀ**


୧. ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ, ଜଗନ୍ନାଥ ପଟ୍ଟନାୟକ, ବିଦ୍ୟାପୁରୀ, କଟକ, ୨୦୦୧

୨. ସ୍ମରଣିକା, ସାଳନ୍ଦୀ ମହୋତ୍ସବ, ୨୦୦୫, ଭଦ୍ରକ

୩. Orissa Round up, Trilochan Mohanty, Pustak Mahal, Cuttack, 1989

୪. Our Heritage, Ed. B.K. Tripathy, Oxford, New Delhi, 1997

୫. Utkalika, Ed. T.P. Das, IPS, Kalinga Cultural Trust, Hyderabad, 2005

୬. ଓଡ଼ିଆ ଜାତିର ଇତିହାସ (ପ୍ରଥମ ଭାଗ) – ଡ. ନବୀନ କୁମାର ସାହୁ, ଓଡ଼ିଶା ପାଠ୍ୟପୁସ୍ତକ ପ୍ରଣୟନ ସଂସ୍ଥା, ଭୁବନେଶ୍ୱର, ୧୯୭୪

୭. ସାଳନ୍ଦୀ ତୀରର କୃତି ଓ ସ୍ୱୀକୃତି, ସଂ, ଅପୂର୍ବ ରଞ୍ଜନ ରାୟ, ଭଦ୍ରକ ପୂଜ୍ୟପୂଜା ସଂସଦ, ୨୦୦୮

୮. ଆମ ଗାଁ ଚଳଣି, ଡ. ମନୀନ୍ଦ୍ର ମହାନ୍ତି, ଅପର୍ଣ୍ଣା ପ୍ରକାଶନୀ, ନୂଆବଜାର, ଭଦ୍ରକ, ୨୦୦୮



ବାସୁଦେବବାସ୍ୟମ୍
ଜଗନ୍ନାଥ ବିହାର, ବାଇପାସ୍, ଭଦ୍ରକ